# ବ୍ୟବସାୟିକ ଭିତ୍ତିରେ ନର୍ସରୀ ପରିଚାଳନା





ସଂପାଦନା

**ଡକ୍ଟର ସାଗତିକା ସାହୁ**

ବିରଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ବିଷୟବସ୍ତୁ

**ଶ୍ରୀ ବିଷ୍ଣୁପଦ ଗିରି**

ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

ବିଷୟବସ୍ତୁ

**ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା**

ବୈଜ୍ଞାନିକ (ରୋଗ ପୋକ ନିୟନ୍ତ୍ରଣ)


## ATTRACTING & RETAINING YOUTH IN AGRICULTURE (ARYA)


କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୦୩

# ବ୍ୟବସାୟିକ ଭିତ୍ତିରେ ନର୍ସରୀ ପରିଚାଳନା




ସଂପାଦନା

**ଡକ୍ଟର ସ୍ୱାଗତିକା ସାହୁ**

ବିରଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ବିଷୟବସ୍ତୁ

**ଶ୍ରୀ ବିଷ୍ଣୁପଦ ଗିରି**

ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

ବିଷୟବସ୍ତୁ

**ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା**

ବୈଜ୍ଞାନିକ (ରୋଗ ପୋକ ନିୟନ୍ତ୍ରଣ)


## ATTRACTING & RETAINING YOUTH IN AGRICULTURE (ARYA)


କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୦୩

# ବ୍ୟବସାୟିକ ଭିତ୍ତିରେ ନର୍ସରୀ ପରିଚାଳନା

ମୁଖ୍ୟ ସଂପାଦନା :

**ଡଃ ସ୍ୱାଗତିକା ସାହୁ**
ବରିଷ୍ଠ ବୈଜ୍ଞାନିକା ଓ ମୁଖ୍ୟ

ବିଷୟବସ୍ତୁ :

**ଶ୍ରୀ ବିଷ୍ଣୁପଦ ଗିରି**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

**ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା**
ବୈଜ୍ଞାନିକ (ରୋଗ ପୋକ ନିୟନ୍ତ୍ରଣ)

ପ୍ରକାଶକ :

**କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧**
ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

Edited by :
**Dr. Swagatika Sahoo**
Senior Scientist & Head

Written by :
**Vishnupada Giri**
Scientist (Animal Science)

**Prasanta Kumar Panda**
Scientist (Agril. Extension)

Published by :
**Krishi Vigyan Kendra, Ganjam-I**
Odisha Univesity of Agriculture and Techonolgy, BBSR

**ATTRACTING & RETAINING YOUTH IN AGRICULTURE (ARYA)**

Designing & Printed by : Saikrupa Graphics, BBSR

# ବ୍ୟବସାୟିକ ଭିତ୍ତିରେ ନର୍ସରୀ ପରିଚାଳନା

ଉନ୍ନତମାନର ଚାରା ବ୍ୟବହାର କଲେ ୧୫% ଅଧିକ ଅମଳ ମିଳିଥାଏ । ଉତ୍ତମ ମାନର ଚାରା ପ୍ରସ୍ତୁତ କରିବା ପାଇଁ ଏକ ନର୍ସରୀ ଦରକାର ହୁଏ । ନର୍ସରୀ ଏକ ଆବଦ୍ଧ, ସିମୀତ ଓ ସୁରକ୍ଷିତ ସ୍ଥାନ ଯେଉଁଠାରେ ବିଭିନ୍ନ ପ୍ରକାରର ଫଳ, ଫୁଲ ଓ ପନିପରିବା ଚାରା କରାଯାଇଥାଏ । ଚାରା ତିଆରି କରିବା ସମୟରେ ବିଭିନ୍ନ ପ୍ରତିକୂଳ ପରିବେଶରୁ ଏହାକୁ ରକ୍ଷା କରିବା ଆବଶ୍ୟକ ହୋଇଥାଏ । ଉତ୍ତମ ଗୁଣବତ୍ତାର ଚାରା ପାଇବାକୁ ହେଲେ ସଠିକ ବିହନ ବା ମା ଗଛ ଚୟନ ଓ ଲଗାଇବା ପଦ୍ଧତି, ପରିଚାଳନା ବିଷୟରେ ବୈଷୟିକ ଜ୍ଞାନ ଥିବା ଆବଶ୍ୟକ । ତେଣୁ ନର୍ସରୀ ପ୍ରତିଷ୍ଠା ଓ ପରିଚାଳନା ବିଷୟରେ ଏହି ପୁସ୍ତିକାରେ ଆଲୋଚନା କରାଗଲା ।

**ନର୍ସରୀର ଆବଶ୍ୟକତା ଓ ଉପକାରିତା :**

- ନର୍ସରୀରେ ଚାରାଗୁଡ଼ିକର ସଠିକ୍ ରକ୍ଷଣାବେକ୍ଷଣ କରିହୁଏ ।
- ତଳି ବଢିବା ପାଇଁ ଏହା ଏକ ଅନୁକୂଳ ପରିବେଶ ଯୋଗାଇଥାଏ ।
- ସୀମିତ ଜାଗାରେ ନର୍ସରୀ ଥିବାରୁ ଚାରାଗୁଡ଼ିକୁ ରୋଗ ପୋକ ଦାଉରୁ ରକ୍ଷା କରାଯାଇପାରେ ।
- ନର୍ସରୀରେ ତଳି ଉତ୍ତାରିବା ଦ୍ୱାରା, ମୁଖ୍ୟ କ୍ଷେତ ପ୍ରସ୍ତୁତ କରିବା ପାଇଁ ଅଧିକ ସମୟ ମିଳିଥାଏ ।
- ପାଗ ପ୍ରତିକୂଳ ଥିଲେ ମଧ୍ୟ ନର୍ସରୀରେ ଚାରାକୁ ସୁରକ୍ଷିତ ରଖାଯାଇପାରେ ଓ ଅନୁକୂଳ ପରିବେଶ ଆସିବା ପର୍ଯ୍ୟନ୍ତ ତଳିକୁ ନର୍ସରୀରେ ରଖାଯାଇପାରେ ।
- ନର୍ସରୀରେ ତଳି ପକାଇବା ଦ୍ୱାରା ବେଶି ମଂଜି ଦରକାର ହୁଏନାହିଁ ।
- ଦୂରରୁ ଆସିଥିବା ଚାରାକୁ ନର୍ସରୀରେ ରଖିବା ପରେ ଲଗାଯାଇଥାଏ ।
- କାଟକଲମୀ ଦ୍ୱାରା ପ୍ରସ୍ତୁତ ଚାରାକୁ ପ୍ରଥମେ ନର୍ସରୀରେ ଲଗାଯାଇଥାଏ ଓ ପରେ ମୂଖ୍ୟ ଜମିରେ ରୋପଣ କରାଯାଏ ।
- ଯୋଡ଼ କମଲମୀରେ ବ୍ୟବହୃତ ମୂଳଦଣ୍ଡ ନର୍ସରୀରେ ବଢିଥାଏ ।
- କେତେକ ଫସଲର ମଂଜିକୁ ସିଧାସଳଖ ମୁଖ୍ୟ ଜମିରେ ଲଗାଇଲେ ଭଲ ହୋଇ ନ ଥାଏ । ତେଣୁ ଏହି ସବୁ ଫସଲ ବିହନ ନର୍ସରୀରେ ବୁଣି ପରେ ରୋପଣ କରାଯାଏ ।
- ନର୍ସରୀରେ ଚାରା ଗଛକୁ କୁଣ୍ଡରେ ଲଗାଯାଇ ବିକ୍ରୟ କରାଯାଇପାରେ ବା ଭଡ଼ା ସୂତ୍ରରେ ଦିଆଯାଇପାରେ ।
- ମାଟି କଲମୀରେ କରାଯାଇଥିବା ଚାରାକୁ କାଟି ଆଣି ପଲିଥିନ ମୁଣାରେ ଲଗାଇ ନର୍ସରୀରେ ରଖାଯାଇଥାଏ ଓ ପରେ ବିକ୍ରି କରାଯାଏ ।
- ମୁଖ୍ୟ ଜମିରେ ପ୍ରତିକୂଳ ପରିବେଶରେ ଖାପ ଖୁଆଇବା ପାଇଁ ଚାରାକୁ ନର୍ସରୀରେ ସଶକ୍ତ କରାଯାଏ ।
- ଶିକ୍ଷିତ ବେକାର ଯୁବକ/ଯୁବତୀ ମାନେ ନର୍ସରୀ ଧନ୍ଦା ମାଧ୍ୟମରେ ଆତ୍ମନିର୍ଭରଶୀଳ ହୋଇପାରିବେ ।

- ଉତ୍ତମ ଚାରା ଲଗାଇଲେ ଫସଲର ଅବଧିରେ ସମାନତା ଆଣିଥାଏ ।
- ନର୍ସରୀ ଭଳି ଏକ ସୀମିତ ସ୍ଥାନରେ ମୂଲ୍ୟବାନ ଚାରା ଉତ୍ପାଦନ କରାଯାଇପାରେ ।
- ଅଧିକ ମୂଲ୍ୟ ଥିବା ସଙ୍କର ଜାତୀୟ କିସମ ମଂଜିକୁ ନର୍ସରୀରେ ବୁଣିଲେ ପ୍ରତିକୂଳ ପରିବେଶ କାରଣରୁ ଚାରା ନଷ୍ଟ ହେବାର ସମ୍ଭାବନା ନ ଥାଏ ।
- ଅଦିନିଆ ପନିପରିବା ଫସଲ ଚାଷ ପାଇଁ ନର୍ସରୀରେ ଚାରା ପକାଯାଏ ।

**ନର୍ସରୀର ପ୍ରକାର :-**

**ଆକାର ଅନୁସାରେ ନର୍ସରୀ ୨ ପ୍ରକାରର :**

**୧. ଗୃହ ନର୍ସରୀ :-** ଏହା ଆକାରରେ କ୍ଷୁଦ୍ର ଓ ନିଜ ବାସ ଗୃହର ଚାହିଦା ମେଣ୍ଟାଇବା ପାଇଁ କରାଯାଇଥାଏ ।

**୨. ବ୍ୟବସାୟିକ ନର୍ସରୀ :-** ଏହା ଆକାରରେ ବଡ଼ ଓ ସର୍ବ ସାଧାରଣ ଲୋକଙ୍କ ଚାହିଦା ମେଣ୍ଟାଇବା ପାଇଁ ଏହି ନର୍ସରୀ ଉଦ୍ଦିଷ୍ଟ ଅଟେ । ଅବସ୍ଥିତି ଅନୁସାରେ ଏହାକୁ ୨ ଭାଗରେ ବିଭକ୍ତ କରାଯାଏ ।

**କ. ଗ୍ରାମାଞ୍ଚଳ ନର୍ସରୀ :-** ଏହି ନର୍ସରୀ ଗ୍ରାମାଞ୍ଚଳରେ ରାସ୍ତା ପାର୍ଶ୍ୱରେ ପ୍ରତିଷ୍ଠା କରାଯାଇଥାଏ । ଆଂଚଳିକ ଚାହିଦା ପୂରଣ କରିବା ସହିତ ଏଠାରୁ ବାହାରକୁ ଚାରା ବିକ୍ରି କରାଯାଏ । ଏହି ନର୍ସରୀର ଉତ୍ପାଦନ ଖର୍ଚ୍ଚ କମ୍ ହୁଏ ଓ ଶସ୍ତାରେ ଚାରା ମିଳେ ।

**ଖ. ସହରାଞ୍ଚଳ ନର୍ସରୀ :-** ଏହି ନର୍ସରୀ ସହରାଞ୍ଚଳରେ ପ୍ରତିଷ୍ଠା କରାଯାଇଥାଏ । ଏଥିରେ ଉତ୍ପାଦନ ଖର୍ଚ୍ଚ ଅଧିକ ହୋଇଥାଏ ଓ ଚାରାଗୁଡ଼ିକ ମହଙ୍ଗା ହୋଇଥାଏ । ବେଳେ ବେଳେ ଅନ୍ୟ ସ୍ଥାନରୁ ଚାରା ଆଣି ଏଠାରେ ବିକ୍ରୟ କରାଯାଏ ।

**ଉତ୍ପାଦିତ ଚାରା ଅନୁସାରେ ନର୍ସରୀ ୫ ପ୍ରକାର ହୋଇଥାଏ ।**

**୧. ଫଳ ନର୍ସରୀ :-**

ଏଠାରେ ବିଭିନ୍ନ ପ୍ରକାରର ଫଳ ଚାରା ଉତ୍ପାଦନ କରାଯାଏ । ଏଥିପାଇଁ ଉତ୍ତମ ଗୁଣବତ୍ତାର ମା ଗଛ ବଗିଚା କରିବା ଆବଶ୍ୟକ ହୋଇଥାଏ । ଏହି ବଗିଚାରୁ ବିଭିନ୍ନ ଅଙ୍ଗଜ ଜନନ ପ୍ରଣାଳୀରେ ବଂଶ ବିସ୍ତାର କରାଯାଇଥାଏ ।

**୨. ପନିପରିବା ନର୍ସରୀ :-** ଏଠାରେ ବିଭିନ୍ନ ପ୍ରକାରର ପନିପରିବା ଚାରା ଉତ୍ପାଦନ କରାଯାଇ ବିକ୍ରି କରାଯାଏ ।

ଏଠାରେ ଋତୁ ଅନୁସାରେ ଓ ଅଣଋତୁକାଳୀନ ବିଭିନ୍ନ ପ୍ରକାରର ପନିପରିବା ଚାରା ଉତ୍ପାଦନ କରାଯାଇ ବିକ୍ରି କରାଯାଏ ।

**୩. ଜଙ୍ଗଲ ନର୍ସରୀ :-** ଏହି ନର୍ସରୀରେ ବିଭିନ୍ନ ଜଙ୍ଗଲ ଜାତୀୟ ବୃକ୍ଷ ଚାରା ଉତ୍ପାଦନ ଓ ବିକ୍ରି କରାଯାଏ ।

**୪. ଆଳଙ୍କାରିକ ନର୍ସରୀ :-** ଏଠାରେ ବିଭିନ୍ନ ପ୍ରକାରର ଫୁଲ ଚାରା ଓ ଶୋଭା ବର୍ଦ୍ଧକ ଚାରା ପ୍ରସ୍ତୁତି କରାଯାଇ ବିକ୍ରି କରାଯାଏ ।

**୫. ମିଶ୍ରିତ ନର୍ସରୀ :-** ଏହି ପରି ନର୍ସରୀରେ ବିଭିନ୍ନ ପ୍ରକାରର ଚାରା ଉତ୍ପାଦନ ଓ ବିକ୍ରି କରାଯାଏ ।

**ନର୍ସରୀର ବିଭିନ୍ନ ଅଂଶ :**

**୧. ଘରଦ୍ୱାର :-** ନର୍ସରୀର ବିଭିନ୍ନ କାର୍ଯ୍ୟ ସଂପାଦନ କରିବା ପାଇଁ ନିମ୍ନଲିଖିତ ଘରଗୁଡ଼ିକ ଆବଶ୍ୟକ ।

**କ. କାର୍ଯ୍ୟାଳୟ :** ଏହି ଘରଟି ନର୍ସରୀ ଫାଟକ ପାଖରେ ରହିବା ଆବଶ୍ୟକ । ଏଠାରେ ନର୍ସରୀର ବିଭିନ୍ନ ବ୍ୟବସାୟିକ କାର୍ଯ୍ୟ ଚାଲିଥାଏ । ନର୍ସରୀରେ ଉପଲବ୍ଧ ହେଉଥିବା ବିଭିନ୍ନ ଚାରାର ଛବି, ଏହାର ପ୍ରସ୍ତୁତ ପ୍ରଣାଳୀ ଓ ମୂଲ୍ୟ ବିଜ୍ଞାପନ ମାଧ୍ୟମରେ ଥିବା ଆବଶ୍ୟକ ।

**ଖ. ଗୋଦାମ ଘର :** ଏହି ଘରେ ଦୈନନ୍ଦିନ କାର୍ଯ୍ୟ ପାଇଁ ଆବଶ୍ୟକ ସାମଗ୍ରୀ, ସାର, ବିଷ, ମଂଜି ଇତ୍ୟାଦି ରଖାଯାଏ ।

**ଗ. ବିକ୍ରୟ କେନ୍ଦ୍ର :** ଏଠାରେ ନର୍ସରୀରୁ ଉତ୍ପାଦିତ ବିଭିନ୍ନ ବିକ୍ରିଯୋଗ୍ୟ ଚାରାକୁ ସଜେଇ ରଖାଯାଏ ।

**ଘ. ଉପକରଣ ଗୃହ :** ଏଠାରେ ଦୈନନ୍ଦିନ କାର୍ଯ୍ୟ ପାଇଁ ଆବଶ୍ୟକ ଉପକରଣ, ଯନ୍ତ୍ରପାତି ରଖାଯାଏ ।

**ଙ. ପ୍ୟାକିଂ ଗୃହ :** ଦୂରକୁ ପଠାଇବା ପାଇଁ ଚାରା ଗୁଡ଼ିକ ଏଠାରେ ଗଣ୍ଠିଲି କରାଯାଏ ।

**ଚ. କର୍ମଚାରୀ ଗୃହ :** ଏହା ନର୍ସରୀର ଗୋଟିଏ କୋଣକୁ ତିଆରି କରାଯାଏ ।

**୨. ବାଡ଼ବନ୍ଦୀ :** ଗାଈଗୋରୁ, ଚୋରି ଇତ୍ୟାଦି ରୋକିବା ପାଇଁ ନର୍ସରୀ ଚାରିପଟେ ବାଡ଼ବନ୍ଦୀ କରିବା ଆବଶ୍ୟକ । ଏଥିପାଇଁ ପକ୍କା କାନ୍ଥ, ତାରବାଡ଼, ଝାଟିବାଡ଼, ସବୁଜ ବାଡ଼ କିମ୍ବା ତାର ଜାଲି ଦ୍ୱାରା ନର୍ସରୀକୁ ଆବଦ୍ଧ କରିବାକୁ ହୁଏ । ସବୁଜ ବାଡ଼ ପାଇଁ କଣ୍ଟାଯୁକ୍ତ, କମ୍ ପାଣି ଆବଶ୍ୟକ କରୁଥିବା ଗଛ ବାଛିବା ଆବଶ୍ୟକ । ସେଗୁଡ଼ିକ ହେଲା କଣ୍ଟା ବାଉଁଶ, କାଗଜଫୁଲ, ବେଗୁନିଆ, ବାସଙ୍ଗ, କିଆ, ସିଜୁ, ବାଇଗବ, ଚିଲର, କଣ୍ଟେଇ କୋଳି, ମଂଜୁଆତି ଇତ୍ୟାଦି ।

ଏଥିପାଇଁ ବର୍ଷା ଆରମ୍ଭରେ ନର୍ସରୀ ଚାରିପଟେ ଗାଡ଼ ଖୋଳି ଖତ ପକାଇ ୩ରୁ ୪ ଧାଡ଼ିର ଉପରୋକ୍ତ ଗଛର ମଂଜି ବା ଚାରା ବା କଟାଡ଼ାଳ ପୋତାଯାଏ ।

**୩. ମା ଗଛ :-** ଅଙ୍ଗୀୟ ଜନନ ପ୍ରକ୍ରିୟାରେ ବଂଶ ବିସ୍ତାର ହୋଇପାରୁଥିବା ଗଛ ପାଇଁ ମା ଗଛ ପରିଚାଳନା କରିବା ଆବଶ୍ୟକ । ମା ଗଛ ଗୁଡ଼ିକ ଉପଯୁକ୍ତ, ହୃଷ୍ଟପୁଷ୍ଟ ରୋଗମୁକ୍ତ ଓ ପ୍ରକୃତ କିସମର ହେବା ଆବଶ୍ୟକ । କିସମ ଅନୁସାରେ ଏଗୁଡ଼ିକ ଅଲଗା ଅଲଗା କିଆରିରେ ଲଗାଯାଏ ।

**୪. ତଳିଘେରା :-** ଏଠାରେ ବିଭିନ୍ନ ପ୍ରକାର ଫସଲର ମଂଜି ପକାଇ ଚାରା ଉତ୍ପାଦନ କରାଯାଏ । ଏଥିପାଇଁ ପ୍ରଚୁର ସୂର୍ଯ୍ୟକିରଣ ପଡୁଥିବା ଖୋଲା ସ୍ଥାନ ଚିହ୍ନଟ କରିବା ଆବଶ୍ୟକ ।

**୫. ନର୍ସରୀ ପଟି :-** ତଳିଘେରାରୁ ଉତ୍ପନ୍ନ ହେଉଥିବା ଚାରାକୁ ଆବଶ୍ୟକ ଅନୁସାରେ କିସମ ଅନୁଯାୟୀ ୧ ବର୍ଷ ପର୍ଯ୍ୟନ୍ତ, ଖାଲକରି ( ୧ମି. X ୩ମି. X ୬ ଇଂଚ) ପଟିରେ ରଖାଯାଏ ।

**୬. କୁଣ୍ଡ ରଖିବା ସ୍ଥାନ :** ତଳିଘେରାରୁ ଚାରା ଆଣି ଆବଶ୍ୟକ ଅନୁସାରେ କୁଣ୍ଡରେ ରୋପଣ କରାଯାଏ ଓ ପରେ କୁଣ୍ଡ ସହିତ ବିକ୍ରି କରାଯାଇପାରେ ।

**୭. କାର୍ଯ୍ୟଗୃହ :-** ଏହିପରି ସ୍ଥାନରେ ବିଭିନ୍ନ ପ୍ରକାର ନର୍ସରୀ କାର୍ଯ୍ୟ ଯଥା କୁଣ୍ଡରେ ଚାରା ପୋତିବା, କୁଣ୍ଡ ଓ ପଲିଥିନରେ ମାଟି ଭର୍ତ୍ତି କରିବା ଇତ୍ୟାଦି କରାଯାଏ ।

**୮. କୃତ୍ରିମ ସଂରଚନା କକ୍ଷ :-** ବିଭିନ୍ନ ପ୍ରତିକୂଳ ପରିବେଶରୁ ଚାରାକୁ ରକ୍ଷା କରିବା ପାଇଁ ଜରିଗୃହ (କୁହୁଡ଼ି ଘର, ଗରମ ଶଯ୍ୟା), ଛାୟାଗୃହ ଇତ୍ୟାଦି ତିଆରି କରାଯାଏ ।

**୯. ଜଳ ଉତ୍ସ :-** ଦୈନନ୍ଦିନ କାର୍ଯ୍ୟପାଇଁ ନର୍ସରୀରେ ସ୍ଥାୟୀ ଜଳ ଉତ୍ସ ଯଥା ପୋଖରୀ, କେନାଲ, ନାଳ, ବଡ଼କୂପ ବା ପାତାଳ କୂପ ରହିବା ଆବଶ୍ୟକ ।

**୧୦. କମ୍ପୋଷ୍ଟ ଖତ :-** ନର୍ସରୀର ଗୋଟିଏ କୋଣରେ ଖତ ଗଦା ରହିବା ଆବଶ୍ୟକ । ନର୍ସରୀରୁ ବାହାରୁଥିବା ସବୁଜ ଡ଼ାଳ, ପତ୍ର, ଘାସ ଇତ୍ୟାଦି ଏଥିରେ ପୋପାଡ଼ି ଖତ କରାଯାଏ ।

**୧୧. ଜିଆ ଖତ କୁଣ୍ଡ :-** ଇଟା ବା ପଲିଥିନ୍‌ରେ ଜିଆଖତ କୁଣ୍ଡ କରି ସେଥିରେ ଜିଆ ପାଳନ କରିବା ଆବଶ୍ୟକ । ସାଧାରଣ ଖତରୁ ଜିଆଖତରେ ଅଧିକ ପୋଷକ ତତ୍ତ୍ୱ ଓ ବୃଦ୍ଧି ଉଦ୍ଦୀପକ ଥାଏ ।

**୧୨. ପବନ ପ୍ରତିରୋଧକ ବୃକ୍ଷ :-** ଗରମ ପବନ ଓ ବାତ୍ୟାରୁ ନର୍ସରୀକୁ ରକ୍ଷା କରିବା ପାଇଁ ନର୍ସରୀ ଚାରିପଟେ ଡ଼େଙ୍ଗା ହେଉଥିବା ମଜବୁତ, ମରୁଡ଼ି ସହି ପାରୁଥିବା ଗଛ ଯଥା ଜାମୁ, ଝାଉଁ, ନିଳଗିରି, ଶାଳ, ଦେବଦାରୁ, ଅର୍ଜ୍ଜୁନ, କରଞ୍ଜ ଇତ୍ୟାଦି ଲଗାଇବା ଉଚିତ୍ ।

ନର୍ସରୀର ଯୋଜନା

ସାଧାରଣତଃ ନର୍ସରୀ କହିଲେ ଆମେ ବୁଝୁ, ଯେଉଁଠି ଫୁଲ, ଫଳ ଓ ପନିପରିବା ଚାରା ସୁବିଧାରେ ଉପଲବ୍ଧ ହୁଏ । ଏହା ଏକ ଆବଦ୍ଧ, ସୀମିତ ଓ ସୁରକ୍ଷିତ ସ୍ଥାନରେ କରାଯାଇଥାଏ ଯେଉଁଠି ବିଭିନ୍ନ କିସମର ମଂଜିରୁ ତଳି ଉତାରିବା, ମୂଳ ଦଣ୍ଡ ଗଛ ଉତାରିବା, କଲମୀ କରିବା ଏବଂ କଲମୀ କରିବା ପାଇଁ ବିଭିନ୍ନ ମା' ଗଛ ଲଗାଯାଇଥାଏ ।

**କ. ନର୍ସରୀ ସ୍ଥାନ ଚୟନ :**

ବିଶେଷକରି ଫୁଲ, ଫଳ ଓ ପନିପରିବା ଚାରାର ଚାହିଦା ଅଧିକ ଥିବା ସ୍ଥାନରେ ନର୍ସରୀ କରିବା ଉଚିତ୍ । ସାଧାରଣତଃ ସହର, ବଜାର ନିକଟ ବା ଜିଲ୍ଲା ସବ୍‌ଡ଼ିଭିଜନ, ସଦର ମହକୁମା, ବ୍ଲକ୍ ତହସିଲ ଓ ଗ୍ରାମପଂଚାୟତ ନିକଟରେ କରାଯାଇଥାଏ । ଏହା ରାସ୍ତାକଡ଼ରେ ହେବା ଉଚିତ୍ ଯେଉଁଠିକୁ ଯାନବାହାନ ସୁବିଧାରେ ଯାଇପାରିବ ।

ନର୍ସରୀ ସ୍ଥାପନ ପୂର୍ବରୁ ଜଳର ସୁବ୍ୟବସ୍ଥା ଏବଂ ନିଷ୍କାସନ ସୁବ୍ୟବସ୍ଥା ଉପରେ ଲକ୍ଷ୍ୟ ଦେବା ନିତ୍ୟାନ୍ତ ଜରୁରୀ । ନର୍ସରୀ ମାଟିର ସ୍ତର ସାଧାରଣତଃ ଉଚ୍ଚ ଥିବା ଆବଶ୍ୟକ । ମାଟି ସାଧାରଣତଃ ବାଲି ଅଂଶ ଥିବା ଦରକାର ଏବଂ ମାଟିର ଅମ୍ଳତା ୬.୫ -୭ ଥିବା ଆବଶ୍ୟକ । ବାରମ୍ବାର ଦେଖାଶୁଣା ପାଇଁ ନର୍ସରୀ ଘର ନିକଟରେ କରିବା ଆବଶ୍ୟକ । ନର୍ସରୀର ସ୍ଥାନ ଛାୟାଠାରୁ ଦୂରରେ ଖୋଲା ଜାଗାରେ କରିବା ଆବଶ୍ୟକ । ବ୍ୟବହାରରେ ସୁବିଧା ପାଇଁ ନର୍ସରୀକୁ ଜମିର ଏକ ପାର୍ଶ୍ୱରେ କରିବା ଦରକାର ଯାହାଦ୍ୱାରା ଅନ୍ୟ କୃଷି କାର୍ଯ୍ୟରେ ବାଧା ଉତ୍ପନ୍ନ ହେବନାହିଁ । ସ୍ଥାନଟିକୁ ଚରାବୁଲା ଜନ୍ତୁ, ରୋଗପୋକ ଦାଉରୁ ନିରାପଦରେ ରଖିବା ଆବଶ୍ୟକ । ତେଣୁ ନର୍ସରୀ କରିବା ପୂର୍ବରୁ ଭଲ ଭାବେ ବାଡ଼ବନ୍ଦୀ କରିବା ନିହାତି ଦରକାର । ଏହା ତାରବାଡ଼ ବା ପକ୍କା ପାଚେରୀରେ କରାଯାଇପାରେ ।

ପବନ ନିରୋଧିକ ବୃକ୍ଷ ଯଥା - ଝାଉଁ, ଦେବଦାରୁ, ସିଲ୍‌ଭର ଓକ, କରଞ୍ଜ, ଜାମୁ ଇତ୍ୟାଦି ଚତୁଃପାର୍ଶ୍ୱରେ ରୋପଣ କଲେ ସୁଫଳ ମିଳେ । ସାଧାରଣତଃ ରୋପଣ ବୃକ୍ଷ ଗୁଡ଼ିକ ଉଚ୍ଚା, ମରୁଡ଼ି ସହ୍ୟ କରିପାରୁଥିବା ଏବଂ ମଜବୁତ୍ ହୋଇଥିବା ଆବଶ୍ୟକ ।

**ଖ. ନର୍ସରୀ ଗୃହର ପ୍ରକାର ଭେଦ**

ପ୍ରତିକୂଳ ବାତାବରଣରେ ବା ଜଳବାୟୁରେ ମଂଜିରୁ ଚାରା ଉତାରିବା, କଲମୀ, ଗଛ ଉତାରିବା ଓ ଆବଶ୍ୟକୀୟ ଅନୁକୂଳ ବାତାବରଣ ସୃଷ୍ଟି କରିବା ପାଇଁ କୃତ୍ରିମ ସଂରଚନା କକ୍ଷ ବ୍ୟବହାର କରାଯାଏ ।

**୧. ନେଟ୍ ହାଉସ୍ (ଛାୟା ଗୃହ)**

ବିଭିନ୍ନ ପ୍ରକାର ସବୁଜ ଗୃହ ତିଆରି କରାଯାଇଥାଏ । ଆଜିକାଲି ଉନ୍ନତମାନର ସବୁଜ ଗୃହ ତିଆରି ହେଲେ ମଧ୍ୟ, କାଠ, ବାଉଁଶ, ତାରଜାଲି ଇତ୍ୟାଦିକୁ ନେଇ କମ୍ ଖର୍ଚ୍ଚରେ ମଧ୍ୟ ସବୁଜ ଗୃହର ଢାଂଚା ତିଆରି କରିହେବ । ସବୁଜ ଗୃହ ଉପରେ ସବୁଜ ରଙ୍ଗ ନେଟ୍ ଜାଲିର ଆବରଣ କରାଯାଇ ଏହି ଘର ମାଧ୍ୟମରେ ଚାରା ପାଇଁ ଆବଶ୍ୟକ ପରିମାଣରେ ଆଲୋକ, ବାୟୁ, ଖାଦ୍ୟ ଓ ଔଷଧ ଯୋଗାଇ ଦିଆଯାଇ ଚାରା ଉତ୍ପନ୍ନ କରାଯାଇପାରୁଛି । ଏତଦ୍‌ବ୍ୟତୀତ ଅନାବନା ଗଛ, ରୋଗ ପୋକର ପ୍ରାଦୁର୍ଭାବକୁ ମଧ୍ୟ ରୋକାଯାଇପାରୁଛି । ସାଧାରଣତଃ ଏହାର ଉଚ୍ଚତା ୧୦-୧୨ ଫୁଟ ହେବା ସହ ଲମ୍ବ ୬୦ ଫୁଟ ଥାଏ ଓ ଏହାର ଚଉଡ଼ା ୨୦-୨୨ ଫୁଟ ପର୍ଯ୍ୟନ୍ତ ହେଲେ ୧୮ଟି ପର୍ଯ୍ୟନ୍ତ ପଟାଳି ପ୍ରସ୍ତୁତ କରି ଚାରା ପ୍ରସ୍ତୁତ କରିହୁଏ ।

**୨. ପଲିଥିନ ଗୃହ :**

ସବୁଜ ଗୃହ ଭଳି ପଲିଥିନ ଗୃହ ମଧ୍ୟ ଚାରା ଉତ୍ପାଦନ ସକାଶେ ପ୍ରକୃଷ୍ଟ ହୋଇଥାଏ । ବାହାରର ତାପମାତ୍ରା ଠାରୁ ଏହାର ଭିତର ତାପମାତ୍ରା ଅଧିକ ହେବାରୁ ଏହା ଭିତରେ ଶିଘ୍ର ଓ ସହଜରେ ଚାରା ଉତ୍ପନ୍ନ କରିହୁଏ । ଏହାର ଉଚ୍ଚତା ୧୦-୧୨ ଫୁଟ ଥାଏ ଓ ଲମ୍ବ ୩୦ ଫୁଟ ଓ ଚଉଡ଼ା ୧୬ ଫୁଟ ପର୍ଯ୍ୟନ୍ତ ଥାଏ । ଏହାଦ୍ୱାରା ଏହା ମଧ୍ୟରେ ୧୪-୧୬ଟି ପଟାଳି ପ୍ରସ୍ତୁତ କରି ଚାରା ଉତ୍ପାଦନ କରିହୁଏ । ଏହାର ଦୁଇପାର୍ଶ୍ୱରେ ମଶାରୀ କପଡ଼ା ଥାଏ ଓ ତା ଉପରେ ପଲିଥିନ୍‌ର ଆବରଣ ରଖାଯାଇଥାଏ । ଅଧିକ ବର୍ଷା ପବନ ସମୟରେ ଏହି ପଲିଥିନ୍ ଆବରଣକୁ ଢାଙ୍କି ଦିଆଯାଏ ।

**ଅର୍ଥ ଓ ସରକାରୀ ରିହାତି :**

ଚାରା ଉତ୍ପାଦନ ପାଇଁ ଆଗ୍ରହୀ ଚାଷୀମାନେ ସଂଘବଦ୍ଧ ଭାବେ ବା ଏକାକୀ ମଧ୍ୟ ନର୍ସରୀ ତିଆରି କରିପାରିବେ । ନର୍ସରୀ କଲେ ଅର୍ଥର ଆବଶ୍ୟକତା ରହିଛି । ନିଜର ଟଙ୍କା ଥିଲେ ସବୁଠାରୁ ଭଲ । ଯଦି ନିଜର ଆବଶ୍ୟକ ଅର୍ଥ ନ ଥାଏ ତେବେ ଟଙ୍କା ବ୍ୟାଙ୍କରୁ ଆଣି ନର୍ସରୀ ଆରମ୍ଭ କରିହେବ । ସରକାରୀ ସ୍ତରରେ ମଧ୍ୟ ନର୍ସରୀ ଗୃହ ପାଇଁ ପ୍ରୋତ୍ସାହନ ମିଳିପାରୁଛି । ଉଦ୍ୟାନ ବିକାଶ ସଂସ୍ଥା ସମୁଦାୟ ଖର୍ଚ୍ଚର ଶତକଡ଼ା ୨୦ ଭାଗ ରିହାତି ଯୋଗାଇ ଦେଉଛି । ଏକ ଛୋଟ ନର୍ସରୀରେ ଚାରା ଉତ୍ପାଦନ ପାଇଁ ସାଧାରଣତଃ ଏକ ହେକ୍ଟର ପରିମିତ ସ୍ଥାନରେ ସ୍ଥାପନ ପାଇଁ ହାରାହାରି ୬ ଲକ୍ଷ ୨୫ ହଜାର  ଟଙ୍କା ଆବଶ୍ୟକ ହୋଇଥାଏ । ରାଷ୍ଟ୍ରୀୟ ଉଦ୍ୟାନ କୃଷି ମିଶନ (ଏନ.ଏଚ.ଏମ.) ମାଧ୍ୟମରେ

ସରକାରଙ୍କ ତରଫରୁ ୫୦ ପ୍ରତିଶତ ଅର୍ଥାତ୍ ୩ ଲକ୍ଷ ୧୨ ହଜାର ୫୦୦ ଟଙ୍କା ରିହାତି ମିଳିପାରୁଛି । ବଡ଼ ନର୍ସରୀ ପାଇଁ ସାଧାରଣତଃ ୨-୪ ହେକ୍ଟର ପରିମିତ ସ୍ଥାନରେ ଏହି ପ୍ରକାର ନର୍ସରୀ ପ୍ରାୟ ୧୨.୫-୨୫ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପନ କରିହୁଏ । ରାଷ୍ଟ୍ରୀୟ ଉଦ୍ୟାନ କୃଷି ମିଶନ ମାଧ୍ୟମରେ ସରକାରଙ୍କ ତରଫରୁ ୫୦ ପ୍ରତିଶତ ଅର୍ଥାତ୍ ୬.୨୫-୧୨.୫ ଲକ୍ଷ ରିହାତି ମିଳିପାରୁଛି । ଆଗ୍ରହୀ ଚାଷୀମାନେ ପଲିହାଉସ୍ ସ୍ଥାପନ କରିବାକୁ ଚାହୁଁଥିଲେ ସରକାରଙ୍କ ଦ୍ୱାରା ଉପଲବ୍ଧ ହେଉଥିବା ଏହି ରିହାତିର ସୁବିଧା ନେଇପାରିବେ ।

## ନର୍ସରୀରେ ବ୍ୟବହୃତ ଯନ୍ତ୍ରପାତି, ଅନ୍ୟାନ୍ୟ ଦରକାରୀ ଜିନିଷ ଓ ଏହାର କାର୍ଯ୍ୟ

ସାଧାରଣତଃ ନର୍ସରୀ ଆରମ୍ଭ କଲାବେଳେ କେତେକ ଦରକାରୀ ଉପକରଣ ବ୍ୟବହାର କରିବାକୁ ପଡ଼ିଥାଏ । ଯାହା ସାହାଯ୍ୟରେ କି ସୁବିଧାରେ ଚାରା ଉତ୍ପନ୍ନ କରିହୁଏ । ପନିପରିବା, ଫଳ, ଫୁଲ ଚାରା ଉତ୍ପାଦନ ନିମନ୍ତେ ନର୍ସରୀରେ ସହଜରେ କାମ କରିବା ପାଇଁ ବିଭିନ୍ନ ପ୍ରକାରର ନର୍ସରୀ ଉପକରଣ ଓ ଯନ୍ତ୍ରପାତି ମାନ ବ୍ୟବହାର କରାଯାଏ । ଏହା ସାଧାରଣତଃ ଛୋଟ ଆକାରର ଓ ସହଜରେ ବ୍ୟବହାର ଉପଯୋଗୀ । ଏହି ଉପକରଣଗୁଡ଼ିକ ଲୁହା, କାଠ ଓ ପ୍ଲାଷ୍ଟିକରେ ତିଆରି । ନର୍ସରୀ ପରିଚାଳନା ପାଇଁ ଦରକାରୀ ଉପକରଣ ସମ୍ବନ୍ଧରେ ନିମ୍ନରେ ଦିଆଗଲା ।

**୧. ଝରା :** ନର୍ସରୀ ଚାରାରେ ଜଳସେଚନ ପାଇଁ ଝରାର ଆବଶ୍ୟକତା ରହିଛି । ଏହି ଉପକରଣର ଅଗ୍ରଭାଗରେ ଛୋଟ ଛୋଟ କଣା ଥିବାରୁ ଜଳ ଖର୍ଚ୍ଚ କର୍ମ ହେବା ସହ ସୁବିଧାରେ ଜଳସେଚନ କରିହୁଏ । ତଳିଘେରାରେ ଲାଗିଥିବା ଚାରାରେ ପାଣି ଦେବା ସହ ପତ୍ର ଧୋଇବାରେ ଏହା ସାହାଯ୍ୟ କରେ ।

**୨. ଫାଉଡ଼ା :** ନର୍ସରୀରେ ଏହାର ବ୍ୟବହାର ଅଧିକ ହୋଇଥାଏ । ଏହାର ଅଗ୍ରଭାଗ ଚଟକା ଲୁହା ଚାଦରରେ ତିଆରି ଓ ଏଥିରେ କାମ କରିବା ପାଇଁ କାଠର ବେଣ୍ଟ ଲାଗିଥାଏ । ଏହି ଲୁହାର ଲମ୍ବ ୨୦-୨୫ ଓ ଚଉଡ଼ା ୧୫ ସେ.ମି. ପର୍ଯ୍ୟନ୍ତ ଥାଏ । ଏଥିରେ ମାଟି ହଣା ହୁଏ, ଖତ ଓ ବାଲି ମିଶାଯାଏ ଓ ନର୍ସରୀ ବେଡ୍ ପ୍ରସ୍ତୁତ କରାଯାଏ ।

**୩. ସ୍ପ୍ରେୟାର :** ଚାରାଗଛରେ ରୋଗପୋକର ନିରାକରଣ ପାଇଁ ତରଳ ଔଷଧ ସିଂଚନରେ ସ୍ପ୍ରେୟାର ନିହାତି ଆବଶ୍ୟକ । ୫୦ ଲି. ରୁ ୧୬ ଲି. କ୍ଷମତା ସମ୍ପନ୍ନ ସ୍ପ୍ରେୟାର ବ୍ୟବହାର କରାଯାଏ । ଔଷଧ ସ୍ପ୍ରେ ପରେ ଏହାକୁ ଭଲ ଭାବେ ଧୋଇ ରଖିବା ଆବଶ୍ୟକ ।

**୪. ଫର୍କ :** ଏହି ଯନ୍ତ୍ରଟି ଠିକ୍ ହାତପାପୁଲି ପରି । ୧୦-୨୦ ସେ.ମି. ଲମ୍ବର ୩-୫ ଟି ଦାନ୍ତିଯୁକ୍ତ ହୋଇଥାଏ । ଏହା ଦ୍ୱାରା କୋଡ଼ାଖୁସା ଓ ମାଟିକୁ ତଳ ଉପର କରିହୁଏ ।

**୫. ଖୁର୍ପି :** ଏହା ଏକ ବେଣ୍ଟ ଯୁକ୍ତ ଛୋଟ ଲୁହା ଚାଦର ଖଣ୍ଡ । ୨-୧୦ ସେ.ମି. ଚଉଡ଼ା ବିଶିଷ୍ଟ ଖୁର୍ପି ନର୍ସରୀରେ ବ୍ୟବହାର କରାଯାଏ । ଘାସବଛା ଓ ଛୋଟ ଗଛକୁ କୋଡ଼ା ଖୁସା କରିବାରେ ସାହାଯ୍ୟ କରିଥାଏ ।

**୬. ମାଟି ଚାଲୁଣୀ :** ସାଧାରଣତଃ ଏହା ଗୋଲାକାର ଓ ଚାରିକୋଣିଆ ଆକୃତିର ହୋଇଥାଏ । ତାରଜାଲି ଦ୍ୱାରା ଏହି ଯନ୍ତ୍ର ତିଆରି କରାଯାଏ । ଏହା ମାଟି, କମ୍ପୋଷ୍ଟ ଚଲାଇବା ପାଇଁ ବ୍ୟବହାର

କରାଯାଏ । ଏହି ଛୋଟ ଦାନାମାଟିକୁ ନର୍ସରୀ ପଟାଳୀ ଓ ପଲିଥିନ୍‌ରେ ବ୍ୟବହାର କରାଯାଏ ।

**୭. ଡ଼ିବ୍‌ଲର :** ଏହାର ଅଗ୍ରଭାଗ ଗୋଟିଏ ଲୁହା କୋନ୍‌ରେ ତିଆରି ହୋଇଥାଏ ଏବଂ ଏଥିରେ ପ୍ରାୟ ୩୦ ସେ.ମି.ରୁ କମ୍ ଲମ୍ବର ବେଣ୍ଟ ଥାଏ । ଡ଼ିବ୍‌ଲରକୁ ମାଟିରେ ଚାପି ଛୋଟ ଛୋଟ ଗାତ କରି ସେହି ଗାତ ଗୁଡ଼ିକରେ ଚାରା ଲଗାଇବା ସୁବିଧା ଜନକ ହୋଇଥାଏ ।

**୮. ତସଲା :** ୮-୧୦ ଲିଟର ଜଳଧାରଣ କ୍ଷମତା ଥିବା ତସଲା ନର୍ସରୀ ପାଇଁ ଆବଶ୍ୟକ । ଏଥିରେ ଜଳ ରଖି ଉଚିତ୍ ମାତ୍ରାରେ ବିଶୋଧକ ମିଶ୍ରଣ କରି ଚାରାକୁ ଭିଜାଇ ବିଶୋଧନ କରାଯାଏ । ନର୍ସରୀ ପଟାଳୀରେ ମାଟି ମିଶାଇବା ପାଇଁ ତସଲା ସାହାଯ୍ୟରେ ମାଟି ଅଣାଯାଇଥାଏ ।

**୯. ପ୍ଲାଷ୍ଟିକ୍ ବାଲ୍‌ଟି :** ୧୦୦ ବା ୨୦୦ ଲିଟର ଜଳଧାରଣ କ୍ଷମତା ଥିବା ପ୍ଲାଷ୍ଟିକ୍ ବାଲ୍‌ଟି ନର୍ସରୀ ପାଇଁ ନିହାତି ଦରକାର । ଥରେ ଜଳଭରି ପ୍ରାୟ ୨-୩ ଦିନ ପର୍ଯ୍ୟନ୍ତ ଏଥିରୁ ଜଳନେଇ ଜଳସେଚନ କରାଯାଇପାରେ ।

**୧୦. ମାପ ଫିତା :** ନର୍ସରୀର ଲମ୍ୱ, ପ୍ରସ୍ଥ ନେଇ ତଳିଘରା ପ୍ରସ୍ତୁତ ହୁଏ । ତଳିଘରା ପ୍ରସ୍ତୁତି ପାଇଁ ନିର୍ଦ୍ଦିଷ୍ଟ ଲମ୍ୱ, ପ୍ରସ୍ଥ ଓ ଉଚ୍ଚତା ସ୍ଥିର କରାଯାଇଥାଏ । ଏସବୁ ବ୍ୟତୀତ ପ୍ରତିଟି ତଳିଘରା ମଧ୍ୟରେ ନିର୍ଦ୍ଦିଷ୍ଟ ସ୍ଥାନ ଛଡ଼ାଯାଇଥାଏ । ଦୁଇପାର୍ଶ୍ୱ ତଳିଘରା ମଧ୍ୟରେ ଏକ ରାସ୍ତା ରଖାଯାଏ । ଏସବୁକୁ ମାପିବାପାଇଁ ମାପ ଫିତାର ସହାୟତା ନିଆଯାଏ ।

**୧୧. ନାମ ଫଳକ :** ଚାରାଗଛ ଗୁଡ଼ିକର ନାମ ଓ କିସମ ସମ୍ୱନ୍ଧରେ ଜାଣିବା ପାଇଁ ଦସ୍ତ ଓ ଆଲୁମିନିୟମରେ ପ୍ରସ୍ତୁତ ଫଳକ ବ୍ୟବହାର କରାଯାଏ । ଏହାଦ୍ୱାରା ଚାରାଗଛକୁ ଚିହ୍ନିବାରେ ସୁବିଧା ହୋଇଥାଏ ।

**୧୨. ଚାରା ଉତ୍ପନ୍ନ ଥଳୀ (ପ୍ରୋଟ୍ରେ) :** ଏହା ପ୍ଲାଷ୍ଟିକ୍ ଓ ଫାଇବରର ପ୍ରସ୍ତୁତ ଥାଳୀ । ପ୍ରତ୍ୟେକ ଥାଳୀରେ ୫୫-୯୦ଟି ପର୍ଯ୍ୟନ୍ତ ଛିଦ୍ରଯୁକ୍ତ ଗ୍ଲାସ ସଦୃଶ ଥାଏ । ଏଥିରେ ଖତସାର ମିଶା ମାଟିକୁ ମିଶାଇ ମଂଜି ରୋପଣ କରାଯାଏ । ଚାରା ବଢିଗଲାପରେ ଏହାକୁ ଥାଳୀ / ଟ୍ରେରୁ ମାଟି ସହ ଉଠାଇ ହୁଏ ।

**୧୩. କଇଁଚି :** କଲମୀକରଣ ପାଇଁ କଇଁଚିର ଆବଶ୍ୟକତା ରହିଛି । ଡ଼ାଳକାଟିବା, ଅଙ୍ଗଜ ବିସ୍ତାର ପାଇଁ ବ୍ୟବହୃତ ଡ଼ାଳପତ୍ର ପ୍ରସ୍ତୁତ କରିବାରେ ଏହାର ବ୍ୟବହାର କରାଯାଏ । ଏହାର ଦୁଇଫାଳ ଛୁରୀ ମଧ୍ୟରେ ଗୋଟିଏ ସ୍ପ୍ରିଙ୍ଗ ଲାଗିଥାଏ । ତେଣୁ ଡ଼ାଳର ଛାଲିକୁ ନ ଫଟାଇ ଏହା ସୂକ୍ଷ୍ମଭାବେ କାଟିଥାଏ । ଏହା ବିଭିନ୍ନ ଆକୃତିର ଉପଲବ୍ଧ ହୁଏ ।

**୧୪. କଲମୀ ଛୁରୀ :** ସାଧାରଣତଃ ନର୍ସରୀରେ ଆଖିକଲମୀ ପ୍ରସ୍ତୁତ କରିବା ଛୁରୀକୁ କଲମୀ ଛୁରୀ କୁହାଯାଏ । ଏହା ଭଲ ଲୁହାରେ ତିଆରି । ଏହି ଛୁରୀର ବିପରୀତ ପାର୍ଶ୍ୱରେ ଛୋଟ ଲୁହାଖଣ୍ଡ ଥାଏ ଯାହା ଦ୍ୱାରା କି ଆଖି କୁ ସୁବିଧାରେ କଢାଯାଏ ।

ନର୍ସରୀରେ ବ୍ୟବହୃତ ଉପକରଣ ଗୁଡ଼ିକୁ ବ୍ୟବହାର ପରେ ସଫା ସୁତୁରା କରି ରଖିବାକୁ ପଡ଼େ । ଲୁହା ଓ ସ୍ପ୍ରିଂ ଥିବା ଯନ୍ତ୍ରରେ ତେଲ ଦେଇ ରଖିଲେ ଅଧିକ ଦିନ ବ୍ୟବହାର କରିହୁଏ ।

**କୁଶଳୀ କାର୍ଯ୍ୟକର୍ମୀ :**

ନର୍ସରୀ ପାଇ ଭଲ ମାଳୀ ଓ କୁଶଳୀ ମୂଲିଆ ଆବଶ୍ୟକ । ଯେଉଁମାନେ କି ଗଛର ଯତ୍ନ ନେବାସହ କଲମୀ ମଧ୍ୟ କରିପାରିବେ । ଗଛ ଦୂର ସ୍ଥାନକୁ ଯିବା ପାଇଁ ଭଲ ଭାବେ ପ୍ୟାକିଂ କରିପାରନ୍ତି । ଏସବୁ ପାଇଁ ସରକାରଙ୍କ ତରଫରୁ କର୍ମଶାଳା ମାଧ୍ୟମରେ ନର୍ସରୀ ଶିକ୍ଷା ପ୍ରଦାନ କରାଯାଉଛି । ଆଗ୍ରହୀ ଚାଷୀମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ସ୍କିମ୍ ସହାୟତାରେ ଏହାର ଫାଇଦା ଉଠାଇପାରିବେ ।

**ମୃତ୍ତିକା :**

ମୃତ୍ତିକା ଚାରା ପାଇଁ ଖାଦ୍ୟସାର ଯୋଗାଇବାର ଉତ୍ସ । ସାଧାରଣତଃ ଜୈବ ପଦାର୍ଥ ଯୁକ୍ତ ନିଗିଡ଼ା ଜମି ଓ ଚିକ୍କଣ ଦୋରସା ମାଟି ସବୁଠାରୁ ଉପାଦେୟ । ବର୍ଷାଦିନେ ଗାତ ଖୋଳିଲେ ୨ ଫୁଟ ତଳେ ଥିବା ପାଣି ରହୁଥିବା ସ୍ଥାନ ଅତ୍ୟନ୍ତ ଉପଯୁକ୍ତ, କାରଣ ଚାରା ଉଠାଇବା ବେଳେ ମାଟି ଗୋଳା ସହ ଚାରା ଉଠାଇବା ସହଜ ହୁଏ । ମାଟିର ଅମ୍ଳତା ୬.୫ ଭିତରେ ରହିବା ଭଲ । ସ୍ଥାନ ନିରୂପଣ ବେଳେ ଭଲ ମାଟି ନ ମିଳିଲେ ଭଲ ମାଟି ଓ ଖତ ଦେଇ ମାଟିକୁ ବଦଳାଇ ଦିଆଯାଇପାରେ । ବିଭିନ୍ନ ପ୍ରକାର ଫଳ ଚାରା ପାଇଁ ପଲିଥିନ ବ୍ୟାଗ୍‌ରେ ଚାରା ପ୍ରସ୍ତୁତ କରାଯାଇଥାଏ । ଏଥିପାଇଁ ୨ ଭାଗ ଦୋରସା ମାଟି, ୩ ଭାଗ ଗୋବର ଖତ ଓ ଭାଗେ ନଦୀପଠା ମାଟି ବା ବନମାଟି ମିଶାଇ ମିଶ୍ରଣ ତିଆରି କରାଯାଇଥାଏ । ଜୈବିକ ସାର ବା ନିମ୍ବ ପିଡ଼ିଆ ମିଶ୍ରଣ କଲେ ମଧ୍ୟ ଭଲ କାମ କରେ ।

**ମୃତ୍ତିକା ବିଶୋଧନ :**

ନର୍ସରୀ ପାଇଁ ମୃତ୍ତିକା ବିଶୋଧନ ଅପରିହାର୍ଯ୍ୟ କାରଣ ବିଶୋଧନ ନ ହେଲେ ରୋଗ ପୋକ ବ୍ୟାପିଥାଏ । ଜଳ ଅଧିକ ଥିବା ସ୍ଥାନରେ ତଳିଘରା କଟାରୋଗ ମୃତ୍ତିକା ଜନିତ କବକ ଯଥା - ପିଥିୟମ୍, ରାଇଜୋକ୍ଟୋନିଆ, ଫାଇଟୋପ୍‌ଥରା ଇତ୍ୟାଦି ଦ୍ୱାରା ନର୍ସରୀ ବେଡ଼୍‌ରେ ହୋଇଥାଏ । ଏହା ବ୍ୟତୀତ ପୋକ ଯଥା - କର୍ତ୍ତକ କୀଟ, ଉଇ ଏବଂ ଅଷ୍ଟପଦୀ ମଧ୍ୟ ଚାରାକୁ କ୍ଷତି କରିଥାନ୍ତି । ଏସବୁରୁ ଚାରାକୁ ରକ୍ଷା କରିବା ପାଇଁ ମୃତ୍ତିକା ବିଶୋଧନ ଯଥା ମୃତ୍ତିକା ଉତ୍ତାପକରଣ, ରାସାୟନିକ ବିଶୋଧନ, ଜୈବ ନିୟନ୍ତ୍ରଣ ଉପଚାର ଦରକାର । ମୃତ୍ତିକା ଉତ୍ତାପକରଣ ପାଇଁ ପଲିଥିନ ଦ୍ୱାରା ଖରା ଏବଂ ଶୁଖିଲା ସମୟରେ କରାଯାଏ । ମାଟିକୁ ଓଦାଳିଆ ରଖିବା ସହିତ ଏହା ମୃତ୍ତିକା ଉତ୍ତାପ ବୃଦ୍ଧି କରିଥାଏ ଏବଂ ମାଟି ଦ୍ୱାରା ବ୍ୟାପୁଥିବା ରୋଗପୋକ ଏବଂ ଘାସକୁ କମାଇଥାଏ ।

ରାସାୟନିକ ଭାବେ ବିଶୋଧନରେ ଫରମାଲିନ୍ ଦ୍ରବଣ (୧:୧୦୦ ଅନୁପାତରେ) ୫ ଲି / ବ.ମି. ହିସାବରେ ସିଂଚନ କରାଯାଏ । ଏହି ସ୍ଥାନକୁ ପଲିଥିନ୍ ଦ୍ୱାରା ୭-୮ ଦିନ ଘୋଡ଼ାଇ ରଖାଯାଏ ଏବଂ ପରେ ୭-୮ ଖୋଲାରେ ଫରମାଲିନ୍ ଗନ୍ଧ ଯିବା ଲାଗି ଛାଡ଼ି ଦିଆଯାଏ । ନର୍ସରୀ ବେଡ଼୍ ବ୍ୟତୀତ ମଂଜିକୁ ମଧ୍ୟ ବିଶୋଧନ ଜରୁରୀ । ମଂଜିକୁ କବକନାଶକ ଯଥା ବାଭିଷ୍ଟିନ୍ ୨ ଗ୍ରାମ/ଲିଟର ହିସାବରେ ବୁଣିବା ପୂର୍ବରୁ ବିଶୋଧନ କରାଯାଏ । ପୋକମାନଙ୍କୁ ନିୟନ୍ତ୍ରଣ କରିବାକୁ ହେଲେ, ମାଟିକୁ କ୍ଲୋରପାଇରିଫସ୍ (୨୦-୨୫ ଗ୍ରାମ / ବର୍ଗ ମି. ହିସାବରେ) ବୁଣିବା ପୂର୍ବରୁ ବା ନର୍ସରୀ ପ୍ରସ୍ତୁତି ପୂର୍ବରୁ ମିଶ୍ରଣ କରାଯାଏ । ବର୍ତ୍ତମାନ ଟ୍ରାଇକୋଡ଼ର୍ମା, ସୁଡ଼ୋମୋନାସ୍ ଏବଂ ବାସିଲେସ୍ ଜୈବ ମିଶ୍ରଣ ଗୁଡ଼ିକ ମଧ୍ୟ ବିଶୋଧନ ପାଇଁ ବଜାରରେ ମିଳୁଛି । ନର୍ସରୀ ମୃତ୍ତିକା ବିଶୋଧନ ପାଇଁ ଉଦ୍ଭିଦ ଜାତ ଯଥା

ନିମପିଡ଼ିଆ, କରଂଜ ପିଡ଼ିଆ ଇତ୍ୟାଦି ବ୍ୟବହାର ହେଉଛି ।

**କିଛି ଅନ୍ୟ ଦରକାରୀ ମାଧ୍ୟମ :**

**୧ . ମୃତ୍ତିକା :** ମୃତ୍ତିକା ହେଉଛି ସହଜରେ ମିଳୁଥିବା ସାଧାରଣ ଏବଂ ଅନ୍ୟ ତୁଳନାରେ ଅଳ୍ପ ଖର୍ଚ୍ଚରେ ମଳୁଥିବା ମାଧ୍ୟମ ଯାହାକି ନର୍ସରୀରେ ବ୍ୟବହୃତ ହୋଇଥାଏ, ମାଟି ଉଭୟ ଜୈବିକ ଏବଂ ଅଜୈବିକ ପଦାର୍ଥ ଧାରଣ କରିଥାଏ । ଏହି ଜୈବିକ ଅଂଶ ହେଉଛି ଜୀବନ୍ତ ଏବଂ ମୃତ ଅଂଶ, ଗଛ, ପ୍ରାଣୀ ଏବଂ ଅଣୁଜୀବର ଅଂଶ ବିଶେଷ । ମୃତ୍ତିକାର ମୁଖ୍ୟ ପ୍ରକାର ହେଉଛି ବାଲିଆ, ଦୋରସା ଓ କାଦୁଅ ।

**୨ . ବାଲି :**

ବାଲି ସାଧାରଣତଃ ଗଛ ଅଭିବୃଦ୍ଧି ମାଧ୍ୟମରେ ବ୍ୟବହାର କରାଯାଏ । ସଠିକ୍ ବାଲି ଆକାର ହେଉଛି ୦.୦୫-୨.୦ ମି.ମି. । ଚେରରୁ ଚାରାପ୍ରସ୍ତୁତି ପାଇଁ ବାଲି ଦରକାର ହୁଏ । ଏହି ବାଲିକୁ ମାଧ୍ୟମରେ ବ୍ୟବହାର ପୂର୍ବରୁ ଗରମ ଏବଂ କୀଟନାଶକ ଧୂଆଁ ଦେବା ଉଚିତ୍ । ସାଧାରଣତଃ ବାଲିପୋଷଣ ଏବଂ ଜଳଧାରଣ କରି ପାରି ନ ଥାଏ ।

**୩. ସ୍ଫାଗନମ୍ ମସ୍ :**

ସ୍ଫଗନମ ମସ୍ ହେଉଛି ଏକ ପ୍ରକାର ଶୈବାଳର ନିର୍ଜଳୀକୃତ ଅବଶେଷ । ଏହା ଅପେକ୍ଷାକୃତ ଅଳ୍ପ ଓଜନ ଏବଂ ଅଧିକ ଜଳଧାରଣ କ୍ଷମତା ସମ୍ପନ୍ନ । ସାଧାରଣତଃ ଏହା ନିଜ ଓଜନର ୨୦ ଗୁଣ ଜଳକୁ ଧାରଣ କରିପାରେ । ଏହା ତଳି ଘରାକଟା ରୋଗକୁ ଅବରୋଧ କରିଥାଏ । ଏହା କବକ ନାଶକ ଦ୍ରବଣରେ ବୁଡ଼ାଇ ରଖାଯାଏ । ଏହା ପିଜୁଳି, ଡ଼ାଳିମ୍ବ ପ୍ରଭୃତି ଗଛରେ କଲମୀ ବାନ୍ଧିବା ପାଇଁ ବ୍ୟବହାର ହୁଏ ।

**୪ . ଭର୍ମିକୁଲାଇଟ୍ :**

ଏହା ଏକ ମିକାସିୟସ୍ ଖଣିଜ ଯାହାକି ରାସାୟନିକ ଭାବେ ଏହା ମ୍ୟାଗ୍ନେସିୟମ୍, ଆଲୁମିନିୟମ୍, ଲୌହ, ସିଲିକେଟର ମିଶ୍ରଣ । ଏହାର ବ୍ୟବହାର ମାଧ୍ୟମର ଓଜନ କମାଇଥାଏ । ଏହା ବିଭିନ୍ନ ଗ୍ରେଡ଼ରେ ମିଳିଥାଏ । ତନ୍ମଧ୍ୟରୁ ‘ଉଦ୍ୟାନ ଗ୍ରେଡ଼ ନଂ -୨’ ଚେର କରିବା ପାଇଁ ଏବଂ ‘ନଂ-୪’ ମଂଜି ଅଙ୍କୁରୋଦଗମ ପାଇଁ ବ୍ୟବହାର ହୁଏ ।

**୫. ପରଲାଇଟ୍ :**

ଏହା ଧୂସର ଧଳା ସାମଗ୍ରୀ ଓ ଆଗ୍ନେୟ ଶିଳାରୁ ପ୍ରସ୍ତୁତ ହୋଇଥାଏ । ଏହାର ପ୍ରତିକ୍ରିୟା  ନାହିଁ ଏବଂ ଏହା ଖଣିଜ ପୋଷଣ ଧାରଣ କରି ନ ଥାଏ ।

**୬. ପତ୍ର ଖତ :**

ଏହା ବିଭିନ୍ନ ବୃକ୍ଷ ଯଥା ଓକ୍, ସିଲ୍ଭର ଓକ, ମାପଲ୍, ନିମ୍, ଫାକସ୍ ଇତ୍ୟାଦି ପ୍ରଜାତିରୁ ପଡୁଥିବା ପତ୍ରରୁ ପ୍ରସ୍ତୁତ ହୁଏ । ଏହା କିଛି ସ୍ତରର ପତ୍ର ପରେ ମାଟି ଏବଂ ଗୋବର ଦେଇ ପ୍ରସ୍ତୁତ ହୁଏ । ଏହି ମାଧ୍ୟମ ୧୨-୧୮ ମାସରେ ପ୍ରସ୍ତୁତ ହୋଇଥାଏ ।

**୭. କରତଗୁଣ୍ଡ :**

ଏହା କରତ ମିଲ୍‌ରୁ ବାହାରୁଥିବା ସହ ଉତ୍ପାଦ, ଅବ୍ୟବହୃତ ପଦାର୍ଥ । ଏହାର ଗୁଣ ଏବଂ ପରିମାଣ ମୁଖ୍ୟ କାଠର ଗୁଣ ଉପରେ ନିର୍ଭର କରେ । ଏହା ବିଭିନ୍ନ ମିଡ଼ିଆ ପ୍ରସ୍ତୁତି ସମୟରେ ମିଶାଯାଇଥାଏ ।

**୮. କୁଣ୍ଡା :**

ବିଭିନ୍ନ ପ୍ରକାରର କୁଣ୍ଡା ମଧ୍ୟରୁ ଧାନ ମିଲ୍‌ର ବର୍ଜ୍ୟବସ୍ତୁ (କୁଣ୍ଡା) ବହୁତ ଦରକାରୀ । ଏହା ଓଜନରେ କମ୍ ଏବଂ ସହଜରେ ମିଳିଥାଏ । ଏହା ବିଭିନ୍ନ ପ୍ରକାର ମିଡ଼ିଆରେ ମଧ୍ୟ ମିଶାଯାଇପାରେ ।

**୯. କୋକୋପିଟ୍ :**

କୋକୋପିଟ୍, ଗୋବର ଖତ ଇତ୍ୟାଦି ମିଡ଼ିଆରେ ବ୍ୟବହୃତ ହୋଇଥାଏ । ଏହି ମାଧ୍ୟମର ମିଶ୍ରଣ ବୈଷୟିକ ନର୍ସରୀରେ ବ୍ୟବହୃତ ହୋଇଥାଏ । ଅନେକ ସମୟରେ ମାଟି ହିଁ ମୁଖ୍ୟ ଭାଗ ଭାବେ ମିଶ୍ରଣ କରାଯାଇଥାଏ ।

**ଭଲ ମାଧ୍ୟମର ଗୁଣ :**

୧. ମାଧ୍ୟମର ପଦାର୍ଥୀୟ ଓ ରାସାୟନିକ ପ୍ରକୃତି ଥିବା ଦରକାର ।

୨. ପର୍ଯ୍ୟାପ୍ତ ପରିମାଣରେ ଉପଯୁକ୍ତ ପାଣି ଏବଂ ପବନ ଧାରଣ କରିପାରୁଥିବା ଦରକାର ।

୩. ମାଧ୍ୟମରେ ଘାସ, ମଞ୍ଜି ଏବଂ ରୋଗପୋକ ନ ଥିବା ଦରକାର ।

୪. ଅମ୍ଳତା ଏବଂ କ୍ଷାରତା ସଠିକ୍ ରହିବା ଦରକାର ।

୫. କଟିଙ୍ଗସ୍‌ରେ ଚେର ବାହାରିବା ଏବଂ ଗଜା ହେବା ବେଳେ ଏହାକୁ ଧରିବା ପାଇଁ ମାଧ୍ୟମ ନିଶ୍ଚିତ ଦୃଢ଼ ଏବଂ ବହଳିଆ ହେବା ଉଚିତ୍ ।

୬. ଏହି ମାଧ୍ୟମରେ ଚାରାକୁ ଦୂର ଯାଗାକୁ ନେବାରେ ସହାୟକ ।

**ପ୍ରୋଟ୍ରେର ମାଧ୍ୟମ**

ପ୍ରୋଟ୍ରେରେ ସବୁଠାରୁ ଅଧିକ ପ୍ରୟୋଗ ହେଉଥିବା ମାଧ୍ୟମ କୋକେପିଟ୍ (ଶୁଖିଲା ନଡ଼ିଆର ଧୂଳି) ଅଟେ । ଏହା ମଂଜିରୁ ଅଙ୍କୁରଣ ସମୟରେ ପର୍ଯ୍ୟାପ୍ତ ଜଳ ଧାରଣ କରିଥାଏ । ଏଥିରେ ଅନ୍ୟ ଆବଶ୍ୟକୀୟ ପୋଷକ ତତ୍ତ୍ୱ ମିଶାଇ ପ୍ରୟୋଗ କଲେ ଚାରା ବୃଦ୍ଧିର ସହାୟକ ହୁଏ । ପ୍ରତି ଟନ୍ କୋକୋପିଟର ୧୦୦ କିଲୋ ଗ୍ରାମ ନିମ୍ବ ପିଡ଼ିଆ ଓ ୧ କି.ଗ୍ରା ଟ୍ରାଇକୋଡ଼ର୍ମା ମିଶାଯାଇଥାଏ କାରଣ ଏହା ରୋଗପୋକରୁ ଚାରାକୁ ବଂଚାଇଥାଏ । କୋକୋପିଟ୍ ସଙ୍ଗେ ଭର୍ମି କମ୍ପୋଷ୍ଟର ମଧ୍ୟ ପ୍ରୟୋଗ କରାଯାଏ ।

**ପ୍ରୋଟ୍ରେରେ ପନିପରିବା ଚାରା ଉତ୍ପାଦନ :-**

- ପ୍ରୋଟ୍ରେ ମାଧ୍ୟମରେ ଚାରା ଉତ୍ପାଦନ ଅତ୍ୟନ୍ତ ସହଜ ଓ ସୁବିଧା ଜନକ ।
- ଏହା ଦ୍ୱାରା ଚାରା ଉତ୍ପାଦନ କଲେ, ମାଟି ଜନିତ ରୋଗ କମ୍ ହେବାର ସମ୍ଭାବନା ଥାଏ ।
- ଚାରାକୁ ଉଠାଇବା ସମୟରେ ଚେର ଛିଣ୍ଡିବାର ଆଶଙ୍କା ନ ଥାଏ ।
- ଏଥିରେ ୫-୬ ଥର ଚାରା ପ୍ରସ୍ତୁତ କରାଯାଇପାରେ । ଏହାକୁ ଉପଯୋଗ କରିବା ସମୟରେ ସାବଧାନତା ଅବଲମ୍ବନ କରିବାକୁ ପଡ଼ିଥାଏ ।

- ପ୍ରାୟ ୯୮ କୋଷ ବିଶିଷ୍ଟ ଟ୍ରେରେ ଟମାଟୋ, ଲଙ୍କା, ଫୁଲକୋବି, ବନ୍ଧାକୋବି, ବାଇଗଣ ପ୍ରଭୃତିର ଚାରା ଉତ୍ପାଦନ କରାଯାଏ । ଏହି ପ୍ରୋଟ୍ରେର ଆକାର ୫୪ ସେ.ମି. ଉଚ୍ଚତା ଓ ଏଥିରେ ଥିବା ପ୍ରତି କୋଷ ୪ ସେ.ମି. ଗହୀର ବିଶିଷ୍ଟ ହୋଇଥାଏ ।
- ପ୍ରତ୍ୟେକ ଥର ବ୍ୟବହାର କରିବା ପୂର୍ବରୁ ରୋଗପୋକ ସଂକ୍ରମଣରୁ ଦୂରେଇ ରଖିବା ପାଇଁ ଭଲଭାବେ ଧୋଇବା ଉଚିତ୍ ।
- ଏଥିରେ ପ୍ରତ୍ୟେକ ଚାରାର ସମାନ ଭାବେ ବିକାଶ ହୋଇଥାଏ ।
- ତଳପାର୍ଶ୍ୱରେ ଛୋଟ କଣାମାନ ଥିବାରୁ ସହଜରେ ଜଳ ନିଷ୍କାସନ ସୁବିଧାରେ ହୋଇଯାଏ ।

**ପ୍ରୋଟ୍ରେରେ ଚାରା ପ୍ରସ୍ତୁତ ପ୍ରଣାଳୀ :-**

ପ୍ରଥମେ ପ୍ରୋଟ୍ରେକୁ କୋକୋପିଟ୍‌ରେ ଭରି ଦିଆଯାଏ । ଯଦି ଭର୍ମିକମ୍ପୋଷ୍ଟର ପ୍ରୟୋଗ ହୁଏ ତେବେ ସମପରିମାଣର ବାଲି ମଧ୍ୟ ମିଶାଯାଇଥାଏ । ଏକ ୯୮ କୋଷ ବିଶିଷ୍ଟ ପ୍ରୋଟ୍ରେକୁ ଭରିବାକୁ ୧.୨୫ କି.ଗ୍ରା କୋକୋପିଟର ଆବଶ୍ୟକତା ରହିଛି । ଏହି କୋଷର ଠିକ୍ ମଧ୍ୟ ଭାଗରେ ୦.୫ ସେମି. ଗହୀରଗାତ ଆଙ୍ଗୁଳି ଦ୍ୱାରା କରାଯାଇ ମଂଜି ଲଗାଯାଇଥାଏ । ପ୍ରତି କୋଷରେ ଏକ ମଂଜି ଲଗାଇବା ପରେ କୋକୋପିଟ୍‌ରେ ଢାଙ୍କି ଦିଆଯାଏ । ଯଦି ପର୍ଯ୍ୟାପ୍ତ ମାତ୍ରାର ଓଦାବାଲି କୋକୋପିଟ୍‌ରେ ପ୍ରୟୋଗ ହୁଏ ତେବେ ଚାରା ଆସିବା ପୂର୍ବରୁ ବା ପରେ ସିଂଚନର ଆବଶ୍ୟକତା ପଡ଼ି ନ ଥାଏ । ଟ୍ରେ ଗୁଡ଼ିକ ପଲିଥିନର ଚାଦର ଢାଙ୍କି ଦିଆଯାଏ । ଏହିଭଳି କରିବା ଦ୍ୱାରା ଚାରା ସଂରକ୍ଷିତ ରହିବା ସହ ଉଷ୍ଣତା ବୃଦ୍ଧି ହୁଏ ଯାହାକି ଚାରା ଉତ୍ପନ୍ନରେ ସହାୟକ ହୁଏ । ଯେତେବେଳେ ମଂଜିରେ ଅଙ୍କୁରଣ ଆସେ ଟ୍ରେ ନର୍ସରୀ ବେଡ଼ରେ ରଖି ଦିଆଯାଏ । ପ୍ରୋଟ୍ରେରେ ପ୍ରତିଦିନ ଝରାରେ ପାଣି ଦିଆଯାଏ ।

**ପ୍ରୋଟ୍ରେ ମାଧ୍ୟମରେ ଚାରା ଉତ୍ପାଦନରେ ଲାଭ :**

- ଏହା ଦ୍ୱାରା ସଠିକ୍ ସଂଖ୍ୟକ ଚାରା ବାହାରିଥାଏ ଓ କମ୍ ସଂଖ୍ୟକ ଚାରା ମରିଥାଏ ।
- ମୂଲ୍ୟବାନ ସଙ୍କର କିସମ ଚାରା ନଷ୍ଟ ହୋଇ ନ ଥାଏ ।
- ପ୍ରତି ଚାରା ବଢିବାପାଇଁ ଉଚିତ୍ ସ୍ଥାନ ମିଳିଥାଏ ।
- ରୋଗ ପୋକ ଦ୍ୱାରା ନଷ୍ଟ ଖୁବ୍ କମ୍ ହୋଇଥାଏ ।
- ଚାରାର ଚେର ଉତ୍ତମ ଭାବେ ବଢିଥାଏ ।
- ରୋପଣ ପରେ ଚାରାର ସହନଶୀଳତା ବଜାୟ ରହିଥାଏ ।
- ଏଥିରେ ଚାରାକୁ ସ୍ଥାନାନ୍ତରଣ ସୁବିଧା ହୋଇଥାଏ ।
- ନର୍ସରୀ ଚାରାରେ ସମାନ ବୃଦ୍ଧି ହୁଏ ଓ ରୋପଣ ପରେ ଚାରା ସହଜରେ ଲଗାଯାଇଥାଏ ।
- ସ୍ଥାନାନ୍ତରଣ ବା ପରିବହନ ସମୟରେ ଚାରା ଶୁଖି ନ ଥାଏ ।
- ଏଥିରେ ଫସଲ ମଧ୍ୟ ଏକ ସମାନ ରୂପେ ତିଆରି ହୋଇଥାଏ ।

**ଫସଲ କିସମ ଓ ବିହନ ଚୟନ**

ଉତ୍ତମ ମାନର ଚାରା ପାଇବାକୁ ହେଲେ ଉତ୍ତମ ବିହନ ଲୋଡ଼ା । ଉନ୍ନତ ମାନର ବିହନ ହିଁ କୃଷି

ଉତ୍ପାଦନର ପ୍ରଥମ ଓ ପ୍ରଧାନ ଆବଶ୍ୟକୀୟ ଉପାଦାନ । ବିହନର ଗୁଣ, ମାନ ସଠିକ୍ ନ ଥିଲେ ସେଥିରୁ ଉତ୍ପନ୍ନ ଫସଲର ଯେତେ ଯତ୍ନ ନେଲେ ମଧ୍ୟ ଅଧିକ ଅମଳ ମିଳି ପାରିନଥାଏ । ନର୍ସରୀ ପରିଚାଳନା ପାଇଁ ଉତ୍ତମ ମାନର ମଂଜି ବିଶ୍ୱାସଯୋଗ୍ୟ ସୂତ୍ରରୁ ସଂଗ୍ରହ କରି ବ୍ୟବହାର କରିବା ଉଚିତ୍ । ସାଧାରଣତଃ ଆଖପାଖ ଅଂଚଳରେ ଚାହିଦା ଥିବା କିସମର ଚାରା ପ୍ରସ୍ତୁତ କରିବା ଆବଶ୍ୟକ । ଉତ୍ତମ ଗଜାଶକ୍ତି ଯୁକ୍ତ, ଅଧିକ ଅମଳକ୍ଷମ ଓ ରୋଗପୋକ ସହଣୀ ଶକ୍ତି ଥିବା ଉପଯୁକ୍ତ ବିହନ କିସମ ଚୟନ କରିବା ଉଚିତ୍ । ଚାଷୀ ଦରକାର କରୁଥିବା ଉତ୍ତମ ମାନର ଚାରା ଉପରେ ଦୃଷ୍ଟି ଦେବାକୁ ପଡ଼େ । ଏଥିରେ ରାଜ୍ୟ ସରକାରଙ୍କ କୃଷି ଓ ଉଦ୍ୟାନ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ମାନ୍ୟତା ପ୍ରାପ୍ତ ମଂଜି ବିକ୍ରେତା, ରାଜ୍ୟ ଓ ରାଷ୍ଟ୍ର କୃଷି ଗବେଷଣା ସଂସ୍ଥା, କୃଷି ବିଦ୍ୟାଳୟ ରହିଛନ୍ତି । ମଂଜି ବ୍ୟବହାର କଲାବେଳେ ଏହା ଧ୍ୟାନ ଦେବା ଦରକାର ଯେ ମଂଜି ସୁସ୍ଥ ଓ ସଫା ରହିଛି, ସେଥିରେ ଅନ୍ୟ ଫସଲର ବା ଘାସର ମଂଜି ନାହିଁ, ଉପଯୁକ୍ତ ଔଷଧ ଦ୍ୱାରା ବିଶୋଧିତ ହୋଇଛି ଓ ବ୍ୟବହାର ପାଇଁ ବୈଧ ସମୟ ରହିଛି । ମଂଜି ବ୍ୟବହାର କରି ସାରିଲାପରେ ବି ତାର ବିବରଣୀ ଥିବା ଖୋଳକୁ ସାଇତି ରଖିବା ଦରକାର, କାରଣ ସେଥିରୁ ଉତ୍ପନ୍ନ ଚାରା ସେହି ଫସଲ ଚାଷରେ ଅସୁବିଧା ହେଲେ ବିଶେଷଜ୍ଞ, ମଂଜି ବିବରଣୀ ଦେଖି କାରଣ ନିର୍ଦ୍ଧାରଣ କରି ଉଚିତ୍ ପରାମର୍ଶ ଦେଇପାରିବେ ।

**ଫଳ ଓ ପନିପରିବା ଚାରା ଉତ୍ପାଦନ ନର୍ସରୀ**

**୧ . ପନିପରିବା ଚାରା ଉତ୍ପାଦନ ନର୍ସରୀ :**

ପନିପରିବା ଚାରା ଉତ୍ପାଦନ ପାଇଁ ସାଧାରଣତଃ ତଳିଘେରା ପ୍ରସ୍ତୁତ କରାଯାଇଥାଏ । ଗୋବର ଖତ, ଜୈବିକ ସାର, ମାଟି ଓ ବାଲି ମିଶାଇ ତଳିଘେରା ପ୍ରସ୍ତୁତ କରାଯାଏ । ୫ ଫୁଟ ଲମ୍ୱ, ୨ ଫୁଟ ଓସାର ଓ ୧୫ ସେ.ମି. ଉଚ୍ଚତା ବିଶିଷ୍ଟ ପଟାଳି ପ୍ରସ୍ତୁତ ହୁଏ । ପ୍ରତି ପଟାଳିରେ ୧୦୦ ଗ୍ରାମ କ୍ଲୋରୋପାଇରିଫସ୍ ଗୁଣ୍ଡ ମିଶାଇ ଦିଅନ୍ତୁ । ଏହାଦ୍ୱାରା ଉଇ ବା ପିମ୍ପୁଡ଼ି ଲାଗି ନ ଥାନ୍ତି । ମଂଜି ବୁଣିବା ପୂର୍ବରୁ ୪୦% ବିଶିଷ୍ଟ ଫର୍ମାଲ୍‌ଡ଼ିହାଇଡ୍ ଦ୍ରବଣ ପାଣିରେ ମିଶାଇ ମାଟିରେ ପକାଯାଏ ଓ ୨୪ ଘଣ୍ଟା ପର୍ଯ୍ୟନ୍ତ କେରପାଲ ଘୋଡ଼ାଇ ମାଟିକୁ ବିଶୋଧନ କରାଯାଏ । ତଳିଘେରାରେ ପ୍ରତି ୫ ସେ.ମି. ବ୍ୟବଧାନରେ ଗାର ଟାଣି ଧାଡ଼ିରେ ମଂଜି ବୁଣାଯାଏ । ମଂଜି ବୁଣିବାପରେ ଖତ ମିଶା ବାଲିମାଟି ଦେଇ ତଳିଘେରାକୁ ସମାନ କରି ଝରା ସାହାଯ୍ୟରେ ପାଣି ଦିଆଯାଏ ।

**ନର୍ସରୀ ବେଡ଼ ପ୍ରକାର**

**୧ . ଉଚ୍ଚ ତଳି ପଟାଳି :-**

ଏହି ପଟାଳି ଭୂମି ପତ୍ତନ ଠାରୁ ୧୫ ସେ.ମି. ଉଚ୍ଚରେ କରାଯାଏ । ପଟାଳିର ମଝି ଅଂଶରେ ଈଷତ୍ ଉଚ୍ଚା କରାଯାଏ ଯେମିତି ପାଣି ନିଗିଡ଼ି ଆସିବ । ସାଧାରଣତଃ ବର୍ଷାଦିନରେ ଏହିପରି ପଟାଳି ପ୍ରସ୍ତୁତ କରାଯାଏ ଏହି ପ୍ରକାର ପଟାଳିରେ ଚାରା ମୂଳ ଅଂଶରେ ମାଟି ଭିତରେ ପବନ ଚଳାଚଳ ଅଧିକ ହୋଇଥାଏ ଯାହା ଫଳରେ ମାଟିରେ ଉପକାରୀ ଜୀବାଣୁମାନଙ୍କ ସଂଖ୍ୟା ବଢିଥାଏ । ଏହି ପଦ୍ଧତିରେ ମାଟି ଫସଫସିଆ ରହୁଥିବାରୁ ଚାରା ଉପାଡ଼ିବା ଓ ଘାସ ବାଛିବା ସହଜ ହୋଇଥାଏ ।

**୨ . ସମତଳ ପଟାଳି :-**

ସାଧାରଣତଃ ବସନ୍ତ ବା ଗ୍ରୀଷ୍ମଋତୁରେ ଏହିପରି ପଟାଳି ତିଆରି କରାଯାଏ ଯାହା ଭୂମି ପତ୍ତନରେ ହୋଇଥାଏ । ପଟାଳିର ଚତୁଃପାର୍ଶ୍ୱରେ ହୁଡ଼ା କରାଯାଏ ଓ ଦୁଇ ପଟାଳି ମଧ୍ୟ ଦେଇ ଜଳସେଚନ କରାଯାଏ । ଏହି ପଟାଳି ତିଆରି ସହଜ ସାଧ୍ୟ ହେଲେ ମଧ୍ୟ ମାଟିରୁ ପାଣି ନିଗିଡ଼ିବାରେ ଅସୁବିଧା ହୁଏ ।

**୩. ଖାତ / ଗଭୀର ପଟାଳି :-**

ଏହି ପ୍ରକାର ପଟାଳି ଭୂମି ପତ୍ତନଠାରୁ ୧୫ ସେ.ମି. ଗଭୀରରେ ତିଆରି କରାଯାଏ । ସାଧାରଣତଃ ଶୀତଦିନେ ଚାରାକୁ ତୁଷାରପାତରୁ ରକ୍ଷା କରିବା ପାଇଁ ଏହି ଶଯ୍ୟା ଉପରେ ରାତିରେ ପଲିଥିନ ଘୋଡ଼ାଇ ଦିଆଯାଏ ଓ ସକାଳେ ପୁଣି ପଲିଥିନ ବାହାର କରି ଦିଆଯାଏ ।

**ତଳିଘେରାର ଯତ୍ନ**

**୧. ବୁଣିବା ପୂର୍ବରୁ ଯତ୍ନ :** ତଳି ପଟାଳିର ମାଟି ଗୁଣ୍ଡ ହେବା ଆବଶ୍ୟକ । ତଳି ପଟାଳିର ମାଟି ବିଶୋଧନ ହୋଇଥିବା ଦରକାର । ବିହନ ବୁଣିବା ପୂର୍ବରୁ ବିଶୋଧନ ହେବା ଆବଶ୍ୟକ ମଂଜି ଗଜା ହେବା ଶକ୍ତି ବୃଦ୍ଧି ପାଇଁ ଜିବରଲିନ୍ ନାମକ ବୃଦ୍ଧି ଉଦ୍ଦୀପକ ଦ୍ରବଣରେ ଭିଜାଇ ବୁଣିବା ଉଚିତ୍ । ଜୀବାଣୁ ଫିମ୍ପିନାଶକ ଯଥା ଟ୍ରାଇକୋଡ଼ର୍ମା ଓ ବୀଜାଣୁନାଶକ ଯଥା ସିଉଡ଼ୋମୋନାମରେ ବିହନ ବିଶୋଧନ କରାଯାଏ ।

**୨. ବୁଣିବା ବେଳର ଯତ୍ନ :** ସଠିକ୍ ଗଭୀରତାରେ ଓ ଦୂରତାରେ ବିହନ ବୁଣିବା ଉଚିତ୍ । ମଂଜିର ବ୍ୟାସର ୨ରୁ ୩ ଗୁଣ ଗଭୀରରେ ବୁଣିବା ଉଚିତ୍ । ଛୋଟ ଓ ହାଲୁକା ମଂଜିକୁ ବାଲିରେ ମିଶାଇ ବୁଣିବା ଉଚିତ୍ । ଏହାଦ୍ୱାରା ମଂଜି ପତଳା ଭାବେ ବୁଣି ହେବ । ବୁଣି ସାରିବା ପରେ ପତଳା ଆସ୍ତରଣ ଗୁଣ୍ଡ ଖତ ଘୋଡ଼ାଇ ଦେବା ଦ୍ୱାରା ପଟାଳିର ଉଷ୍ମତା ରହିବାରୁ ଗଜା ଶୀଘ୍ର ହୋଇଥାଏ ।

**୩. ବୁଣିସାରିବା ପରବର୍ତ୍ତୀ ଯତ୍ନ :**

ମଂଜି ବୁଣି ସାରିବା ପରେ ଶୁଖିଲା ଘାସ ପତ୍ର, ନଡ଼ା ଘୋଡ଼ାଇ ଦେଲେ ଆର୍ଦ୍ରତା ଓ ତାପମାତ୍ରା ଠିକ୍ ରହେ । ଏହାଛଡ଼ା ପକ୍ଷୀ ଓ ପ୍ରବଳ ବର୍ଷାରୁ ମଂଜିକୁ ରକ୍ଷା କରାଯାଇପାରେ । ଦିନକୁ ୨ ଥର ଅଳ୍ପ ପାଣି ସିଂଚନ କରିବା ଦରକାର । ଏହାଦ୍ୱାରା ମାଟିରେ ପବନ ଚଳାଚଳ ଠିକ୍ ଭାବେ ହୋଇଥାଏ ଓ ଉପକାରୀ ଜୀବାଣୁ ସଂଖ୍ୟା ବଢିଥାଏ । ମଧ୍ୟାହ୍ନ ସମୟରେ ଛାମୁଡ଼ିଆ କରି କମ୍ ବୟସର ଚାରାକୁ ଛାଇ କରାଯିବା ଉଚିତ୍ । ଅନାବନା ଘାସ ଓ ଦୁର୍ବଳ ଚାରା ଗୁଡ଼ିକୁ ବାହାର କରି ଦେବା ଉଚିତ୍ । ଚାରା ଉପାଡ଼ିବାର ୫ ଦିନ ପୂର୍ବରୁ ଜଳସେଚନ ବନ୍ଦ କଲେ ଚାରା ଗୁଡ଼ିକ ଟାଣ ଓ ସବଳ ହୋଇଥାଏ ।

ସାଧାରଣତଃ ୪-୬ ସପ୍ତାହ ମଧ୍ୟରେ ତଳିରୋପଣ ପାଇଁ ପ୍ରସ୍ତୁତ ହୁଏ । ବିଲାତି ବାଇଗଣ ଚାରା ୨୦-୨୫ ଦିନ ମଧ୍ୟରେ ରୋପଣ ଉପଯୋଗୀ ହେବା ବେଳେ ଲଙ୍କା ଚାରା ୩୫-୪୦ ଦିନରେ ରୋପଣ ଉପଯୋଗୀ ହୋଇଯାଏ । ପୋଟଳ, କାଙ୍କଡ଼, କୁନ୍ଦୁରି ପ୍ରଭୃତି ଚାରାଗୁଡ଼ିକ ମଂଜି ଅପେକ୍ଷା ଗଣ୍ଠି ଓ ଚେରରୁ ଆରାମରେ ଉତରା ଯାଇପାରେ । ଏଥିପାଇଁ ଖତସାର ମିଶା ପଲିଥିନରେ ଚେର ଓ କାଣ୍ଡର ଖଣ୍ଡ ଅଂଶକୁ ପୋତି ପାଣି ଦିଆଯାଇଥାଏ । ତଳିରେ ରୋଗପୋକ ଦେଖାଦେଲେ ଏହାର ନିରାକରଣ ଆବଶ୍ୟକ । ତଳି ଝାଉଁଳିଲେ ଏକ ଗ୍ରାମ୍ ବାଭିଷ୍ଟିନ୍ ଏକ ଲିଟର ପାଣିରେ ମିଶାଇ ସିଂଚନ

କରିବା ଆବଶ୍ୟକ । ତଳି ଉତାରିବାର ପୂର୍ବଦିନ ଭଲ ଭାବେ ପାଣି ଦେଲେ ଚାରା ଉପାଡ଼ିବାରେ ଅସୁବିଧା ହୋଇନଥାଏ ।

**୨ . ଫଳ ଚାରା ଉତ୍ପାଦନ ନର୍ସରୀ**

ଫଳ ଚାରା ଉତ୍ପାଦନ ନର୍ସରୀ ଆରମ୍ଭ କରିବା ବର୍ଷେ ପୂର୍ବରୁ ଉନ୍ନତମାନର ମା'ଗଛ ବଗିଚା ସୃଷ୍ଟି କରିବା ଉଚିତ୍ । ଏହି ମା' ଗଛ ବ୍ଲକରୁ ଆମେ ନର୍ସରୀ ପାଇଁ ଦରକାର ହୋଇଥିବା କଲମୀ ବା ଗୁଟି ତିଆରି କରିପାରିବା । ଏହି ନର୍ସରୀରେ ସାଧାରଣତଃ ଆମ୍ବ, ପିଜୁଳି, ଅମୃତଭଣ୍ଡା, ସଜନା ପ୍ରଭୃତି ଚାରା ଉତରା ଯାଇଥାଏ । ପଲିଥିନ ଥଳିରେ ମାଟି, ବାଲି ଜୈବିକ ଖତ, ବାଲିର ମିଶ୍ରଣକୁ ପୁରାଇ ଭରି ଦିଆଯାଏ ।

ପ୍ରତ୍ୟେକ ପଲିଥିନରେ ୨-୩ଟି ଲେଖାଏଁ ଅମୃତଭଣ୍ଡା, ସଜନା ପରି ମଂଜି ପକାଯାଇଥାଏ । ପ୍ରତ୍ୟେକ ଦିନ ଦୁଇଥର ଲେଖାଏଁ ଝରା ସାହାଯ୍ୟରେ ପାଣି ଦିଆଯାଏ । ୬-୭ ସପ୍ତାହ ପରେ ଚାରାଗୁଡ଼ିକ ମୁଖ୍ୟ ଜମିରେ ଲାଗିବା ପାଇଁ ଉପଯୁକ୍ତ ହୋଇଥାଏ । ଆମ୍ବ ପିଜୁଳି ପ୍ରଭୃତି ଫଳ ଚାରାଗୁଡ଼ିକ ମଧ୍ୟ ନର୍ସରୀରେ ଅତି ସହଜରେ ଉତ୍ପନ୍ନ କରିହୁଏ । ଭଲ କିସମର ଗଛରୁ ଚାରା ଉଠାଇବା ପାଇଁ ବା ସେଥିରୁ ଡ଼ାଳ ନେଇ କଲମୀ କରିବା ପାଇଁ ମା' ଗଛ ରହିବା ନିତ୍ୟାନ୍ତ ଆବଶ୍ୟକ । କଲମୀ ପାଇଁ ରୋଗ ପୋକ ମୁକ୍ତ, ହୃଷ୍ଟପୁଷ୍ଟ, ଫଳ ଫଳିବା ଗୁଣ, ଫଳର ଉତ୍କର୍ଷତା ଉପରେ ନଜର ଦେବାକୁ ପଡ଼ିଥାଏ । ରୋଗ ପୋକ ନ ଲାଗିବା ପାଇଁ ଉଚିତ୍ ପଦକ୍ଷେପ ନିଆଯାଏ । ଚାରାଗୁଡ଼ିକ ୧୦-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ହେଲେ ଏହା ମୁଖ୍ୟ ଜମିରେ ଲାଗିବା ପାଇଁ ପ୍ରସ୍ତୁତ ହୋଇଥାଏ ।

**କଲମୀ ଗଛର ପରବର୍ତ୍ତୀ ଯତ୍ନ :-** କଲମୀ ହେଲା ପରେ ପୋଷ୍ୟ ଗଛଟି ପୋଷକ ଗଛ ସହ ଯୋଡ଼ି ହୋଇଯାଏ । କଲମୀ ଯୋଡ଼ ହୋଇଗଲା ପରେ ଯୋଡ଼ି ଉପରେ ଥିବା ମୂଳପିଣ୍ଡ ଗଛର ଡ଼ାଳ କାଟି ଦିଆଯାଏ । କଲମୀ ଗଛର ମୁକୁଳ ବଢୁଥିବାବେଳେ କଲମୀ ତଳେ ବାହାରୁଥିବା ମୁକୁଳଗୁଡ଼ିକ ବଢିବାକୁ ଦିଆନଯାଇ ଭାଙ୍ଗି ଦିଆଯାଏ । କାରଣ ମୂଳପିଣ୍ଡ ଗଛର ମୁକୁଳ ବଂଚିଲେ ପୋଷକର ମୁକୁଳ ଭଲ ଭାବେ ବଢି ନ ଥାଏ ।

**ଔ. ଜଳସେଚନ :**

ନର୍ସରୀରେ ଜଳସେଚନ ଅପରିହାର୍ଯ୍ୟ । ନର୍ସରୀ କରିବା ପାଇଁ ପ୍ରଥମେ ନିକଟରେ ଜଳର ଉତ୍ସ ରହିବା ନିହାତି ଦରକାର । ନିକଟରେ ଗଭୀର ନଳକୂପ, ପୋଖରୀ ଥିଲେ ଜଳସେଚନ ପାଇଁ ସୁବିଧାଜନକ ହୋଇଥାଏ । ମା' ଗଛ ଗୁଡ଼ିକ ପାଇଁ ବୁନ୍ଦା ଜଳସେଚନ ଓ କଲମୀ ଚାରା ପାଇଁ ସିଂଚନ ଜଳସେଚନ ସବୁଠୁ ଭଲ । ମୃତ୍ତିକା ପରି ଜଳର ମଧ୍ୟ ପରୀକ୍ଷଣ ଆବଶ୍ୟକ । ନର୍ସରୀରେ ଜଳର ସଦୁପଯୋଗ ପାଇଁ ବୁନ୍ଦା ଓ ସିଂଚନ ପ୍ରଣାଳୀରେ ଜଳସେଚନ କରିବା ଭଲ । ଏହାଦ୍ୱାରା ଜଳ ଖର୍ଚ୍ଚ କମ୍ ହେବା ସହ ମଜୁରୀ ଖର୍ଚ୍ଚ ମଧ୍ୟ କମ୍ ହୋଇଥାଏ ।

**ନର୍ସରୀ ଚାରାରେ ପୋଷଣ ପରିଚାଳନା :**

ଚାରାଗଛର ବୃଦ୍ଧି ହେଲା ମାତ୍ରେ ନିୟମିତ ଖତସାରର ଆବଶ୍ୟକତା ରହିଛି । ଦରକାର ମୁତାବକ

ବଛାଯାଇଥିବା ଏବଂ ସନ୍ତୁଳିତ ପୋଷଣକୁ ମାଟି ବା ପାଣି ସହ ଦିଆଯାଏ । ମଝି ମଝିରେ କୋଡ଼ାଖୁସା କଲେ ମାଟି ହାଲୁକା ହେବା ସହ ଗଛର ବୃଦ୍ଧି ସଠିକ୍ ଭାବେ ହୋଇଥାଏ । ଏହାଦ୍ୱାରା ମୃତ୍ତିକା, ଜଳକୁ ମଧ୍ୟ ଭଲଭାବେ ଶୋଷି ନେଇଥାଏ । ଚାରାଗଛ ପାଇଁ ଖାଦ୍ୟ ଉପାଦାନ ନିତ୍ୟାନ୍ତ ଆବଶ୍ୟକ । ସମୁଦାୟ ସତରଟି ଖାଦ୍ୟ ଉପାଦାନ ମଧ୍ୟରୁ ଅଙ୍ଗାରକାମ୍ଳ, ଉଦ୍‌ଜାନ ଓ ଅମ୍ଳଜାନ ବାୟୁରୁ ମିଳିଥାଏ । ଯବକ୍ଷାରଜାନ, ଫସ୍‌ଫରସ୍, ପଟାସିୟମ, କାଲସିୟମ୍ ମ୍ୟାଗ୍ନେସିୟମ ଓ ଗନ୍ଧକ ଗଛ ପାଇଁ ଅଧିକ ଦରକାର ହେଉଥିବାରୁ ଏହାକୁ ମୁଖ୍ୟ ଖାଦ୍ୟସାର କୁହାଯାଏ । ସେହିପରି ଗଛ ପାଇଁ କମ୍ ଦରକାର ହେଉଥିବା ଖାଦ୍ୟସାର ଯଥା : ଲୌହ ମାଙ୍ଗାନିଜ, ଦସ୍ତା, ତମ୍ବା, ବୋରନ୍, ମଲିବିଡ଼େନମ୍, କ୍ଲୋରିନ୍ ଓ କୋବାଲଟ୍‌କୁ ଅଣୁସାର କୁହାଯାଏ । ଏହି ସବୁ ସାର ଓ ଅଣୁସାର ଚାରାଗଛ ପାଇଁ କାହିଁକି ଆବଶ୍ୟକ ଓ ଏହାର ଅଭାବରେ କି ପ୍ରକାର ରୋଗ ହୁଏ ତାହା ନିମ୍ନରେ ଦିଆଗଲା ।

**୧. ଯବକ୍ଷାରଜାନ :**

ଏହାର ବ୍ୟବହାର ଦ୍ୱାରା ଚାରାରେ ଅଧିକ ପିଲ, ପତ୍ର ଓ ଡ଼ାଳ ବାହାରେ । ଏହାର ଅଭାବରେ ଚାରା ରୁଗୁଡ଼ିଆ ଓ ନିସ୍ତେଜ ଦେଖାଯାଏ । ପତ୍ର ଛୋଟ ହୋଇ ହଳଦିଆ ପଡ଼ିଯାଏ ।

**୨. ଫସ୍‌ଫରସ୍ :**

ଏହା ନୂଆ ଚେର ତିଆରିରେ ସାହାଯ୍ୟ କରେ, ଚାରାକୁ ବଳୁଆ କରେ । ଏହାର ଅଭାବରେ ଚେର, ପତ୍ର ଓ କାଣ୍ଡ ଛୋଟ ହୁଏ । ପତ୍ରର ରଙ୍ଗ ଧୂସର ହୁଏ । ଚାରା ବୃଦ୍ଧିରେ ମଧ୍ୟ ବ୍ୟାହତ ହୁଏ ।

**୩. ପଟାସିୟମ୍ :** ଏହା ରୋଗ ପ୍ରତିରୋଧକ ଶକ୍ତି ବଢାଏ । କାଣ୍ଡକୁ ଶକ୍ତ ଓ ଟାଣୁଆ କରେ । ଏହାର ଅଭାବରେ ପତ୍ରର ଧାର ନାଲି କିମ୍ବା ପୋଡ଼ିଗଲା ପରି ଦିଶେ । ଭିତରକୁ ମୋଡ଼ିହୋଇ ଆସେ ।

**୪. କ୍ୟାଲସିଅମ୍ :** ଏହା ଚାରାର ଅଗ୍ରଭାଗ ବୃଦ୍ଧିରେ ସାହାଯ୍ୟ କରେ । ଏହାର ଅଭାବରେ ଚେରର ଅଗ୍ରଭାଗ ପ୍ରଥମେ କ୍ଷତିଗ୍ରସ୍ତ ହୁଏ ।

**୫. ମ୍ୟାଗ୍ନେସିୟମ :** ଏହା ସବୁଜକଣା ବୃଦ୍ଧିରେ ସାହାଯ୍ୟ କରେ । ଏହାର ଅଭାବରେ ପତ୍ରରୁ ସବୁଜ କଣିକା କମିଯାଏ । କଅଁଳିଆ ପତ୍ର ହଳଦିଆ ପଡ଼ିଆସେ ଓ ଭିତରକୁ ମୋଡ଼ି ହୋଇ ଆସେ । ମୂଳଆଡୁ ପତ୍ର ଝଡ଼ା ଦେଇଥାଏ ।

**୬. ଗନ୍ଧକ :** ଏହା ରୋଗପୋକ ପ୍ରତିରୋଧକ ଶକ୍ତି ବଢାଇ ଚେରକୁ ଶକ୍ତ କରେ । ଚେର ଓ କାଣ୍ଡ ଅସ୍ୱାଭାବିକ ଭାବେ ଲମ୍ବା ଓ କଠିନ୍ ହୁଏ । ପତ୍ର ହଳଦିଆ ପଡ଼ିଯାଏ ।

**୭. ଲୌହ :** ଏହା ପୁଷ୍ଟିସାର ତିଆରି କରେ । ଖାଦ୍ୟରସ ପ୍ରସ୍ତୁତିରେ ମୁଖ୍ୟ ଅଂଶ ଗ୍ରହଣ କରିଥାଏ । ଏହାର ଅଭାବରେ ପତ୍ରର ଶିରା ମଧ୍ୟବର୍ତ୍ତୀ ଅଂଚଳ ହଳଦିଆ ପଡ଼ିଯାଏ ।

**୮. ବୋରନ୍ :** ଅଙ୍ଗଜ ଜନନ ପାଇଁ ବ୍ୟବହୃତ ଡ଼ାଳ ଖଣ୍ଡରୁ ଚେର ବାହାରିବା ପାଇଁ ବୋରନ୍ ସାହାଯ୍ୟ କରେ । ଏହାର ଅଭାବରେ ଖାଦ୍ୟବାହୀ କୋଷ ଗୁଡ଼ିକ ନଷ୍ଟ ହୋଇଯାଏ । ପତ୍ରରେ ହଳଦିଆ ଦାଗ ଦେଖାଯାଏ ।

**୯. ତମ୍ବା :** ଏହା ପତ୍ରର ସବୁଜ କଣିକା ପ୍ରସ୍ତୁତି ଓ ଶ୍ୱାସକ୍ରିୟା ଉପରେ ସାହାଯ୍ୟ କରେ । ଏହାର

ଅଭାବରେ ପତ୍ରର ଅଗ ଝାଉଁଳି ମରିଯାଏ ଏବଂ ନୂଆ ବାହାରୁଥିବା କଢ ଖୋଲେ ନାହିଁ ।

**୧୦. ଦସ୍ତା :** ଏହା ପୁଷ୍ଟି ସାର ତିଆରିରେ ସାହାଯ୍ୟ କରେ । ଏହାର ଅଭାବରେ ପତ୍ରର ଧାର ତରଙ୍ଗାୟିତ ହୋଇ ଭିତରକୁ ମୋଡ଼ି ହୋଇ ଆସେ । ପତ୍ର ଶିରର ମଧ୍ୟବର୍ତ୍ତୀ ସ୍ଥାନ ହଳଦିଆ ଦେଖାଯାଏ ।

**୧୧. ମଲିବିଡ଼େନମ୍ :** ଏହା ଯବକ୍ଷାରଜାନ ସୃଷ୍ଟିକାରୀ ଜୀବାଣୁମାନଙ୍କ ବୃଦ୍ଧି ପାଇଁ ଅତ୍ୟନ୍ତ ଆବଶ୍ୟକ । ଏହାର ଅଭାବରେ ପତ୍ର ହଳଦିଆ ପଡ଼ିଯାଏ ଓ ଛୋଟ ଆକାରର ହୋଇଯାଏ ।

**୧୨. କ୍ଲୋରିନ୍ :** ଏହା ରୋଗ ବିରୁଦ୍ଧରେ ଲଢିବା ପାଇଁ କାର୍ଯ୍ୟକରେ । ଏହାର ଅଭାବରେ ଚାରା ଗଛ ଦୁର୍ବଳ ହୋଇଯାଏ ।

**୧୩. କୋବାଲଟ୍ :** ଏହା ରୋଗ ସହଣୀ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ । ଏହାର ଅଭାବରେ ଚାରାର ଅସ୍ୱାଭାବିକ ବୃଦ୍ଧି ଘଟିଥାଏ ଓ ଦୁର୍ବଳ ହୋଇଯାଏ ।

**ସମନ୍ୱିତ ରୋଗ ପୋକ ନିରାକରଣ :**

ଉତ୍ତମ ଚାରା ପାଇବା ପାଇଁ ରୋଗ ପୋକ ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ ।

୧. ନର୍ସରୀ ତଳିଘେରାରେ ଝରା ସହାୟତାରେ ଜଳ ଦେବା ଆବଶ୍ୟକ । ଅଧିକ ମାତ୍ରାରେ ଜଳଦେଲେ ତଳିଘରା କଟା ରୋଗ ହେବାର ଆଶଙ୍କା ଥାଏ ।

୨. ତଳିଘେରାରେ ଉଚିତ୍ ସଂଖ୍ୟକ ଚାରା ହେବା ଆବଶ୍ୟକ । କାରଣ ଚାରା ସଂଖ୍ୟା ଅଧିକ ହେଲେ ମଧ୍ୟ ତଳିଘରା କଟା ରୋଗ ବ୍ୟାପିଥାଏ ।

୩. ମଂଜିକୁ ଥିରାମ୍ ୨-୩ ଗ୍ରାମ୍ ପ୍ରତି କି.ଗ୍ରା ବା କାର୍ବେଣ୍ଡିଜିମ୍ ୨ ଗ୍ରାମ୍ ପ୍ରତି କି.ଗ୍ରା ମଂଜି ସହ ଉପଚାରିତ କଲେ ରୋଗ ଦୂର ହୁଏ ।

୪. ଚାରା ଯୋଗ୍ୟ ନ ହେବା ପର୍ଯ୍ୟନ୍ତ ହାଲ୍‌କା ଭାବେ ପାଣି ସିଂଚନ ଆବଶ୍ୟକ ।

୫. ପିମ୍ପୁଡ଼ି ନ ଲାଗିବା ପାଇଁ ତଳିଘେରା ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ବୁଣିଦେବା ଦରକାର ।

୬. ସନ୍ତୁଳିତ ସାର ପ୍ରୟୋଗ କରି ରୋଗ ମାନଙ୍କୁ କମ୍ କରାଯାଇପାରିବ ।

୭. ଅଙ୍କୁରୋଦ୍‌ଗମ୍ ପରେ କପର ଅକ୍ସିକ୍ଲୋରାଇଡ୍ ୨ରୁ ୩ ଗ୍ରାମ / ଲି. ସିଂଚନ କଲେ ମୂଳସଢା ରୋଗରୁ ଚାରାକୁ ବଂଚାଇ ହୁଏ ।

୮. ଅଙ୍କୁରୋଦ୍‌ଗମର ୭-୧୦ ଦିନ ମଧ୍ୟରେ ବା ରୋପଣର ପୂର୍ବରୁ ଇମିଡ଼ାକ୍ଲୋପ୍ରିଡ଼ର ୩ ମିଲି. / ଲି. ମାତ୍ରା ସିଂଚନ କରାଯାଏ ।

**ସ୍ପ୍ରେ ଦ୍ରବଣ ପ୍ରସ୍ତୁତି ପ୍ରଣାଳୀ :**

ନର୍ସରୀରେ ବିଭିନ୍ନ ପ୍ରକାର ରୋଗ ପୋକ, ସୂତ୍ରଜୀବ ଆକ୍ରମଣ ଯୋଗୁ ମା' ଗଛ ଓ ଚାରାମାନଙ୍କର ପ୍ରଭୂତ କ୍ଷତି ଘଟିଥାଏ । ଏହି ଅନିଷ୍ଟକାରୀ ଜୀବମାନଙ୍କ ଦାଉରୁ ଚାରାକୁ ରକ୍ଷା କରିବାକୁ ହେଲେ ସମୟେ ସମୟେ ରାସାୟନିକ ଔଷଧ ପ୍ରୟୋଗର ଆବଶ୍ୟକତା ରହିଛି । ଚାରାଗଛରେ ରୋଗପୋକ କେତେମାତ୍ରାରେ ଆକ୍ରାନ୍ତ ହୋଇଛି ଏବଂ କେଉଁ ଉପଯୁକ୍ତ ଔଷଧ କେତେ ମାତ୍ରାରେ ପ୍ରୟୋଗ ହେବ

ଏ ସମ୍ବନ୍ଧରେ ପରାମର୍ଶ ନେଇ ଔଷଧ ପ୍ରୟୋଗ କରିବା ଉଚିତ୍ ।

ଆକ୍ରାନ୍ତ ଚାରାକୁ ବଜାରରେ ମିଳୁଥିବା ଔଷଧ ଗୁଡ଼ିକ ଉପଯୁକ୍ତ ଅନୁପାତରେ ଜଳ ସହ ମିଶ୍ରଣ କରି ସ୍ପ୍ରେୟର ସାହାଯ୍ୟରେ ସିଂଚନ କରିବାକୁ ହୁଏ । ସାଧାରଣତଃ ଦ୍ରବଣ ପ୍ରସ୍ତୁତି ବେଳେ ନିମ୍ନଲିଖିତ ସୂତ୍ର ବ୍ୟବହାର କରାଯାଏ ।

- ଦରକାର ହେଉଥିବା ପରିମାଣ
- ଦରକାର ହେଉଥିବା ସମୁଦାୟ ସ୍ପ୍ରେ ଦ୍ରବଣ
- ଦରକାର ହେଉଥିବା ଦ୍ରବଣରେ ଔଷଧର ହାର (%)
- ବଜାରରେ ମିଳୁଥିବା ଔଷଧରେ ଥିବା କ୍ରିୟାଶୀଳ ବିଷର ହାର (%)

ନିର୍ଦ୍ଦିଷ୍ଟ ମାତ୍ରାର ଔଷଧକୁ ପାଣିରେ ଦ୍ରବୀଭୂତ କରି ସିଂଚନ କଲେ ଚାରାଗଛ ରୋଗ ପୋକର ପ୍ରାଦୁର୍ଭାବରୁ ମୁକ୍ତ ରହେ ।

**ଏକ ସୁସ୍ଥ ଏବଂ ଭଲ ଚାରା ପାଇବା ପାଇଁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଦରକାର :**

- ନର୍ସରୀରେ ଭଲଭାବେ ସଢ଼ିଯାଇଥିବା ଖତ କିମ୍ବା ଜିଆଖତ ବ୍ୟବହାର କରାଯାଏ । ଯେଉଁଥିରେ ୨୫୦ ଗ୍ରାମ୍ ପ୍ରତି କ୍ୱିଣ୍ଟାଲ ହିସାବରେ ଟ୍ରାଇକୋଡ଼ର୍ମା ହରିଜିୟନମ୍ ୧୫ ଦିନ ପୂର୍ବରୁ ମିଶାଇ ରଖି ପ୍ରୟୋଗ କରିବା ଉଚିତ୍ ।
- ମଂଜିକୁ ଥିରାମ ୨-୩ ଗ୍ରାମ ପ୍ରତି କି.ଗ୍ରା ବା କାର୍ବେଣ୍ଡାଜିମ୍ ୨ ଗ୍ରାମ୍ ପ୍ରତି କି.ଗ୍ରା. ମଂଜି ସହ ଉପଚାରିତ କରନ୍ତୁ । ପୁରୁଣା ମଂଜିକୁ ଷ୍ଟ୍ରେପ୍ଟୋସାଇକ୍ଲିନ୍‌ରେ ଉପଚାରିତ କଲେ ଗଛ ରୋଗମୁକ୍ତ ହୁଏ ।
- ସଠିକ୍ ସମୟରେ ମଂଜି ବୁଣିବା ଦରକାର । ନର୍ସରୀରେ ପ୍ରତି ଏକକ କ୍ଷେତ୍ରଫଳରେ ଉଚିତ୍ ସଂଖ୍ୟକ ଗଛ ହେବା ଆବଶ୍ୟକ, କାରଣ ଯଦି ଗଛ ସଂଖ୍ୟା ଅଧିକ ହୁଏ ତେବେ ସେଥିରେ ତଳିଘରା କଟା ରୋଗ ଅଧିକ ଲାଗିଥାଏ । ତେଣୁ ମଂଜିକୁ ୫-୭ ସେ.ମି. ଦୂରରେ ତଥା ୨ ସେ.ମି. ଗଭୀରରେ ଲଗାନ୍ତୁ ।
- ଚାରା ଯୋଗ୍ୟ ନ ହେବା ପର୍ଯ୍ୟନ୍ତ ତଳି ଘେରାରେ ହାଲ୍‌କା ଭାବେ ପାଣି ସିଂଚନ କରିବା ଆବଶ୍ୟକ । ଅଧିକ ପାଣି ଜମି ରହିଲେ ତଳି ଘରା କଟା ରୋଗ ହେବାର ସମ୍ଭାବନା ରହିଛି ।
- ପିମ୍ପୁଡ଼ି ନ ଲାଗିବା ପାଇଁ ତଳିଘେରା ଚାରିପଟେ କ୍ଲୋରୋପାଇରିଫସ୍ ଗୁଣ୍ଡ ବୁଣିଦେବା ଦରକାର ।
- ଅଙ୍କୁରୋଦଗମ ହେବା ପରେ ଚାରାକୁ ଥିରାମ ବା କାପ୍‌ଟାନ ୨ ଗ୍ରାମ ପ୍ରତି ଲିଟର ପାଣିରେ ବା ଡ଼ାଇଥିନ୍ ଏମ୍. ୪୫ (୨-୩ ଗ୍ରାମ ପ୍ରତି ଲିଟର ପାଣି), ୦.୫-୧.୦ ପ୍ରତିଶତ କପର ଅକ୍ସିକ୍ଲୋରାଇଡ୍ ବା ଟ୍ରାଇକୋଡ଼ର୍ମା ହରିଜିୟନମ୍ କିମ୍ବା ସ୍ୟୁଡ଼ୋମନାସ୍ ୧୦ ଗ୍ରାମ୍ ପ୍ରତି ଲିଟର ପାଣିରେ ୮-୧୦ ଦିନ ବ୍ୟବଧାନରେ ପ୍ରୟୋଗ କରିବା ଉଚିତ୍ ।
- ସନ୍ତୁଳିତ ସାର ପ୍ରୟୋଗ କରି ରୋଗମାନଙ୍କୁ କମ୍ କରାଯାଇପାରିବ ।

- ଫସଲରେ ରୋଗର ନିୟନ୍ତ୍ରଣ ପାଇଁ ରାସାୟନିକ ଔଷଧ ବଦଳରେ ଆଜିକାଲି ବଜାରରେ ମିଳୁଥିବା ଜୈବିକ ଔଷଧ ବ୍ୟବହାର କରନ୍ତୁ ଯାହାଦ୍ୱାରା ଆମର ପରିବେଶର ସୁରକ୍ଷା ହୋଇପାରିବ ଏବଂ ଆମର ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ।
- ସମନ୍ୱିତ ରୋଗ ପରିଚାଳିତ ଜମି ଓ ଅଣ ପରିଚାଳିତ ଜମି ମଧ୍ୟରେ ନିରୀକ୍ଷଣ କଲେ ଜଣାପଡ଼େ ଯେ, ପରିଚାଳିତ ଜମିରେ ମୂଳସଢ଼ା ରୋଗ, ଫ୍ୟୁଜାରିୟମ୍ ଝାଉଁଳା ରୋଗ ଏବଂ ପତ୍ରଦାଗ ରୋଗ ଇତ୍ୟାଦି ରୋଗମାନର ପ୍ରାଦୁର୍ଭାବ ଅଣପରିଚାଳିତ ଜମି ଅପେକ୍ଷା କମ୍ ହେଉଛି ।

**ଚାରା ବିକ୍ରିବଟା ଓ ନର୍ସରୀ ବିବରଣୀ :**

ଉତରା ଯାଉଥିବା ଚାରା ଶିଘ୍ର ବିକ୍ରି ହେଉଥିବା ଭଲ, ଏଥିପ୍ରତି ପୂର୍ବରୁ ଦୃଷ୍ଟିଦେବା ଆବଶ୍ୟକ । ଚାରା ବେଶି ଦିନ ରହିଗଲେ ବିକ୍ରି ହୋଇ ନ ଥାଏ ଓ ଠିକ୍ ବୟସ ଉତ୍ତମ କିସମର ଚାରା ହୋଇଥିଲେ ବିକ୍ରିବଟାର ଅସୁବିଧା ହୋଇ ନ ଥାଏ । କାରଣ ଥରେ ଜଣେ ଭଲ ଚାରା ପାଇଲେ ପରବର୍ତ୍ତୀ ସମୟରେ ନିଶ୍ଚିତ ଆସିପାରିବ । ନର୍ସରୀରେ ବିକ୍ରିବଟାର ସୁବିଧା ପାଇଁ ପ୍ରଚାର ପ୍ରସାର ନିତ୍ୟାନ୍ତ ଦରକାର । ନର୍ସରୀରେ ନାମ ଠିକଣା, ଟେଲିଫୋନ୍ ନମ୍ବର, ମିଳୁଥିବା ଚାରାର ନାମ ଇତ୍ୟାଦିକୁ ପୁସ୍ତିକା ମାଧ୍ୟମରେ ନିକଟସ୍ଥ ଛକ, ବଜାରରେ ଲଗାଇଲେ ବ୍ୟବସାୟରେ ସୁବିଧା ହୁଏ । ନର୍ସରୀରୁ ଚାରା କ୍ରେତାମାନଙ୍କୁ, ନର୍ସରୀରେ ସବିଶେଷ ବିବରଣୀ ଥିବା ପୁସ୍ତିକା ବିନା ମୂଲ୍ୟରେ ଦେବା ଉଚିତ୍ । କ୍ରେତାମାନଙ୍କ ବିବରଣୀ ଓ ବିକ୍ରି ଚାରାର କିସମର ବିବରଣୀ ଖାତାରେ ସବିଶେଷ ଭାବେ ଲେଖାଯିବା ଉଚିତ୍ । ଏହାଦ୍ୱାରା ପରବର୍ତ୍ତୀ ସମୟରେ ଅସୁବିଧା ହୋଇ ନ ଥାଏ ।

ନର୍ସରୀରେ ଲାଭ କ୍ଷତିର ହିସାବ ଜାଣିବା ପାଇଁ ମଂଜି ସଂଖ୍ୟା, ତଳିପକାଇବା ଦିନ, କିସମ, ଉତ୍ପନ୍ନ ଚାରା ସଂଖ୍ୟା, ଚାରା ପ୍ରତି ଦର, ଖର୍ଚ୍ଚ, ମଜୁରୀ ହିସାବ ଉପରେ ନଜର ଦେବାକୁ ପଡ଼ିଥାଏ । ଏସବୁର ମୂଲ୍ୟାୟନ ସକାଶେ ଏକ ଖାତାରେ ଉପରୋକ୍ତ ସମସ୍ତ ବିଷୟ ସମ୍ବନ୍ଧରେ ସବିଶେଷ ଭାବେ ଲେଖାଯାଇ ହିସାବ କରାଯାଏ । ଚାହିଦା ଅନୁଯାୟୀ ଏକ ଋତୁରେ ୨-୩ ଥର ଚାରା ଲଗାଇହେବ । ପ୍ରତ୍ୟେକ ଥର ଚାରା ଉତ୍ପାଦନ ପରେ ହିସାବ କଲେ ଲାଭକ୍ଷତି ସମ୍ବନ୍ଧରେ ଭଲ ଭାବେ ଜଣାପଡ଼ିଥାଏ ।

**ନର୍ସରୀ ପଂଜିକରଣ :**

ନର୍ସରୀ ସ୍ଥାପନ ପାଇଁ ନର୍ସରୀ ଆକ୍ଟ ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୦୧ ମସିହାଠାରୁ ହୋଇଛି । ଏହା ଓଡ଼ିଶା ଫଳ ଚାରା ନର୍ସରୀ ନିୟମାବଳୀ ୨୦୦୧ ନାମରେ ପରିଚିତ । ଓଡ଼ିଶାରେ ପଂଜିକରଣ କରି ଚାରା ବିକ୍ରି କରିବା ଆଇନ୍ ସମ୍ମତ ଅଟେ । ତେଣୁ ନିକଟସ୍ଥ ଉଦ୍ୟାନ ବିଶେଷଜ୍ଞ ପରାମର୍ଶ କ୍ରମେ ନିର୍ଦ୍ଧାରିତ ଫର୍ମରେ ଆବେଦନପୂର୍ବକ ନର୍ସରୀକୁ ପଂଜୀକରଣ କରିବା ନିହାତି ଆବଶ୍ୟକ ।

******

















**KRISHI VIGYAN KENDRA, GANJAM-I**